୬

ଅହମ୍ମଦାବାଦରେ ଖେଳାଯିବ ଆଇପିଏଲ ଫାଇନାଲ ଓ ମୁଲ୍ଲାନପୁରରେ ପ୍ଲେଅଫ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୧୨ ● ୨୧ ମଇ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-112 ● 21th May 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଆୟୁଷ୍ମାନ ଭାରତ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା ଯୋଜନା




**ନୂଆଦିଲ୍ଲୀ, ୨୦/୦୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଜେନେଭାରେ ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସମାବେଶର ୭୮ତମ ଅଧିବେଶନକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି, ପ୍ରଧାନମନ୍ତ୍ରୀ ଭାରତର ସ୍ୱାସ୍ଥ୍ୟ ସଂସ୍କାରର ମୂଳରେ ରହିଥିବା ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱାରୋପ କରି ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ବୀମା ଯୋଜନା, ଆୟୁଷ୍ମାନ ଭାରତ ଉପରେ ଆଲୋକପାତ କରିଥିଲେ, ଯାହା ୫୮୦ ନିୟୁତ ଲୋକଙ୍କୁ ପରିସରଭୁକ୍ତ କରେ ଏବଂ ମାଗଣା ଚିକିତ୍ସା ପ୍ରଦାନ କରେ। ଏହି କାର୍ଯ୍ୟକ୍ରମକୁ ସମ୍ପ୍ରତି ୭୦ ବର୍ଷରୁ ଅଧିକ ବୟସର ସମସ୍ତ ଭାରତୀୟଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ବିସ୍ତାର କରାଯାଇଛି। ସେ ଭାରତରେ ହଜାର ହଜାର ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ରର ବ୍ୟାପକ ନେଟୱାର୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ, ଯାହା କର୍କଟ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ରୋଗର ପ୍ରାରମ୍ଭିକ ଯାଞ୍ଚ ଏବଂ ଚିହ୍ନଟକୁ ସହଜ କରିଥାଏ। ସେ ହଜାର ହଜାର ସରକାରୀ ଔଷଧ ଦୋକାନର ଭୂମିକା ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ, ଯାହା ବହୁତ କମ୍ ମୂଲ୍ୟରେ ଉଚ୍ଚମାନର ଔଷଧ ଯୋଗାଇଥାଏ। ସ୍ୱାସ୍ଥ୍ୟ କ୍ଷେତ୍ରର ଫଳାଫଳରେ ଉନ୍ନତି ଆଣିବାରେ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଭାରତର ଡିଜିଟାଲ ପଦକ୍ଷେପ ଯେପରିକି ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ଟୀକାକରଣକୁ ଟ୍ରାକ୍ କରୁଥିବା ଡିଜିଟାଲ ପ୍ଲାଟଫର୍ମ ଏବଂ ସ୍ୱତନ୍ତ୍ର ଡିଜିଟାଲ ସ୍ୱାସ୍ଥ୍ୟ ପରିଚୟ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଟେଲିମେଡିସିନ୍ ସୁବିଧା କାରଣରୁ ଆଉ କେହି ଡାକ୍ତରଙ୍କ ଠାରୁ ବହୁତ ଦୂରରେ ନାହାନ୍ତି। ସେ ଭାରତର ମାଗଣା ଟେଲିମେଡିସିନ୍ ସେବା ଉପରେ ଆଲୋକପାତ କରିଥିଲେ, ଯାହା ୩୪୦ ନିୟୁତରୁ ଅଧିକ ପରାମର୍ଶକୁ ସକ୍ଷମ କରିଛି। ଭାରତର ସ୍ୱାସ୍ଥ୍ୟ ପଦକ୍ଷେପର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରି, ପ୍ରଧାନମନ୍ତ୍ରୀ ମୋଟ ସ୍ୱାସ୍ଥ୍ୟ ଖର୍ଚ୍ଚର କିଛି ପ୍ରତିଶତ ଖର୍ଚ୍ଚରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଲକ୍ଷ୍ୟ କରାଯାଇଥିବା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହା ସହିତ, ସେ ଗୁରୁତ୍ୱାରୋପ କରିଥିଲେ ଯେ ସରକାରୀ ସ୍ୱାସ୍ଥ୍ୟ ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି।

'ଆମେ ସବୁଠାରୁ ଦୁର୍ବଳ ଲୋକଙ୍କ ପ୍ରତି କେତେ ଭଲ ଭାବରେ ଯତ୍ନ ନେଉଛୁ ତାହା ଉପରେ ବିଶ୍ୱର ସ୍ୱାସ୍ଥ୍ୟ ନିର୍ଭର କରେ' ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ, ଦକ୍ଷିଣ ବିଶ୍ୱ ସ୍ୱାସ୍ଥ୍ୟ ଆହ୍ୱାନଗୁଡିକ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେଉଛି *(ପୃଷ୍ଠା ୭ରେ)*

# ପୁଣି ଫେରିଲା କରୋନା: ଦେଶରେ ୨୫୭ ଆକ୍ରାନ୍ତ ଚିହ୍ନଟ, ୨ ମୃତ



**ନୂଆଦିଲ୍ଲୀ, ୨୦/୦୫**

ଦେଶରେ ପୁଣି ଥରେ କଡ ଲେଉଟାଇଲାଣି କୋଭିଡ-୧୯ (କରୋନା)। ଏଥିପାଇଁ ପୁଣି ଲୋକେ ଭୟରେ ପଡିଲେଣି। ଏପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ୨୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ ଜଣାପଡିଛି। ମେ'ମାସ ୧୨ ତାରିଖ ପରଠାରୁ କେରଳରେ ସର୍ବାଧିକ ୬୯ ଜଣ ମାମଲା ରିପୋର୍ଟ ହୋଇଛି। ଏହାସହିତ ମହାରାଷ୍ଟ୍ରରୁ ୫୩, ତାମିଲନାଡୁରୁ ୩୪, କର୍ଣ୍ଣାଟକରୁ ୮, ଗୁଜରାଟରୁ ୬, ଦିଲ୍ଲୀରୁ ୩, ହରିୟାଣା, ରାଜସ୍ଥାନ ଏବଂ ସିକିମରୁ ଗୋଟିଏ ଲେଖାଏ ମାମଲା ଚିହ୍ନଟ ହୋଇଛି।

ମୁମ୍ବାଇରେ କିଙ୍ଗ ଏଡୱାର୍ଡ ମେମୋରିଆଲ୍ (କେଇଏମ୍) ହସ୍ପିଟାଲରେ ଦୁଇଟି କରୋନା ଜନିତ ମୃତ୍ୟୁ ମାମଲା ରିପୋର୍ଟ ହୋଇଛି। ଏପଟେ ଥାଇଲାଣ୍ଡ, ସିଙ୍ଗାପୁର ଏବଂ ହଂକଂ ସମେତ ଦକ୍ଷିଣ-ପୂର୍ବ ଏସିଆରେ ନୂତନ କୋଭିଡ୍-୧୯ ଲହର ଦେଖାଦେଇଛି। ମେ'ମାସର ପ୍ରାରମ୍ଭରେ, ସିଙ୍ଗାପୁରରେ ୧୪ ହଜାରରୁ ଅଧିକ ମାମଲା ରେକର୍ଡ କରାଯାଇଥିଲା। *(ପୃଷ୍ଠା ୭ରେ)*

## ବହୁବିଧ ରୋଗରେ ଆକ୍ରାନ୍ତ ଥିବା ଲୋକେ ସତର୍କ ରହିବାକୁ ପରାମର୍ଶ

**ଭୁବନେଶ୍ୱର, ୨୦।୫**
**ନ୍ୟୁଜ ବ୍ୟୁରୋ**

ଦେଶରେ ପୁଣି ଥରେ କୋଭିଡ୍-୧୯ ଆକ୍ରାନ୍ତ ଚିହ୍ନଟ ସଂଖ୍ୟା ବୃଦ୍ଧି ନେଇ ଭାରତ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସବୁ ରାଜ୍ୟ ମାନଙ୍କୁ କିପରି ସର୍ତକତା ଅବଲମ୍ବନ କରିବାକୁ ହେବ, ସେନେଇ ପରାମର୍ଶ ଦିଆଯାଇଛି। ଅନୁରୂପ ଭାବେ ଓଡ଼ିଶାରେ ମଧ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ସତର୍କତା ଜାରି କରାଯାଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ବହୁବିଧ ରୋଗରେ ଆକ୍ରାନ୍ତ ଥିବା ଲୋକେ ସାବଧାନ ରୁହନ୍ତୁ। କିଡ୍‌ନୀ ଭଳି ଗୁରୁତର ରୋଗୀ ହୋଇଥିଲେ ମାସ୍କ ପିନ୍ଧନ୍ତୁ । ଏବେ ବ୍ୟାପିଥିବା କୋଭିଡ୍ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ଓଡ଼ିଶାରୁ ଚିହ୍ନଟ ହେଲେ ଜିନମ୍ *(ପୃଷ୍ଠା ୭ରେ)*

## ଆଇବି ମୁଖ୍ୟଙ୍କ କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି

**ନୂଆଦିଲ୍ଲୀ, ୨୦/୦୫**

କେନ୍ଦ୍ର ସରକାର ଗୁଇନ୍ଦା ବ୍ୟୁରୋ (ଆଇ.ବି.)ର ନିର୍ଦ୍ଦେଶକ ତପନ କୁମାର ଡେକାଙ୍କର କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି କରିଛନ୍ତି। ତାଙ୍କର କାର୍ଯ୍ୟକାଳ ଆସନ୍ତା ମାସରେ ଶେଷ ହେବାକୁ ଥିଲା। ମନ୍ତ୍ରିମଣ୍ଡଳର ନିଯୁକ୍ତି ସମ୍ପର୍କିତ କମିଟି ତାଙ୍କର କାର୍ଯ୍ୟକାଳ ବୃଦ୍ଧିକୁ ଅନୁମୋଦନ ଦେଇଛି ଏବଂ ଏସଂପର୍କରେ ଆଦେଶନାମା ଜାରି କରାଯାଇଛି।

ହିମାଚଳ ପ୍ରଦେଶ କ୍ୟାଡରର ୧୯୮୮ ବ୍ୟାଚ୍‌ର ଭାରତୀୟ ପୁଲିସ ସେବା ଅଧିକାରୀ ତପନ ଡେକାଙ୍କୁ କଶ୍ମୀରରେ ଆତଙ୍କବାଦ ବିରୋଧୀ ଅଭିଯାନର ବିଶେଷ ଅନୁଭବ ରହିଛି । ସେ ୨୦୨୨ ଠାରୁ *(ପୃଷ୍ଠା ୭ରେ)*

## ବଦଳିବ ରାଜ୍ୟ କ୍ୟାବିନେଟ୍ ଢାଞ୍ଚା

# ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି




**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ କ୍ୟାବିନେଟର ଢାଞ୍ଚାରେ ପରିବର୍ତ୍ତନ ହେବ । ରାଜ୍ୟ ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ନୂଆ ଢାଞ୍ଚା ସମ୍ପର୍କରେ ସଂସଦୀୟ ବ୍ୟାପାର ସଚିବ *(ପୃଷ୍ଠା ୭ରେ)*

## ଆଗରୁ କ୍ୟାବିନେଟ୍‌ରେ ବ୍ୟବସ୍ଥାର ଉଲ୍ଲଙ୍ଘନ ହେଉଥିଲା

**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

କ୍ୟାବିନେଟ ବ୍ୟବସ୍ଥାକୁ ପୁନଃ ସ୍ଥାପିତ କରାଯାଇଛି। ତାହା କ୍ୟାବିନେଟର ମର୍ଯ୍ୟାଦା ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମୋଦନରେ କ୍ୟାବିନେଟରେ କିଛି ସ୍ଥାନ ପାଏ ନାହିଁ। କ୍ୟାବିନେଟ୍‌ର ପ୍ରସ୍ତାବ ୭୨ ଘଣ୍ଟା ପୂର୍ବରୁ ଅଧ୍ୟୟନ ପାଇଁ ମନ୍ତ୍ରୀଙ୍କୁ ଦିଆଯିବ। ଯାହାଦ୍ୱାରା ଗୁଣାତ୍ମକ ଆଲୋଚନା ଓ ନିଷ୍ପତ୍ତି ହୋଇପାରିବ। ଏବେ *(ପୃଷ୍ଠା ୭ରେ)*

# 'ପାକିସ୍ତାନକୁ ଗାତ ଖୋଳିବାକୁ ହେବ, ମିଳିବନି ଲୁଚିବାକୁ ଜାଗା'

**ନୂଆଦିଲ୍ଲୀ, ୨୦/୦୫**

ଭାରତର ରେଞ୍ଜ ଭିତରେ ପୁରା ପାକିସ୍ତାନ । ପାକିସ୍ତାନର ଯେ କୌଣସି ସ୍ଥାନକୁ ଟାର୍ଗେଟ କରିପାରିବ ଭାରତ । କେଉଁଠି ବି ଲୁଚିବାକୁ ମିଳିବନି ସ୍ଥାନ । ଆର୍ମି ହେଡ୍‌କ୍ୱାର୍ଟର ରାୱଲପିଣ୍ଡିକୁ ବଦଳାଇଲେ ବି କିଛି ଫରକ ପଡିବ ନାହିଁ । ପାକିସ୍ତାନର ଆତଙ୍କବାଦୀ ହମଲାର ଜବାବରେ ଭାରତ ତା'ର ଠିକଣାକୁ ଛାରଖାର କରି ଦେଇଛି । ଲୁଚିବାକୁ ହେଲେ ପାକିସ୍ତାନକୁ ଗଭୀର ଗର୍ତ୍ତ ଖୋଳିବାକୁ ହେବ। 'ଅପରେସନ୍ ସିନ୍ଦୂର' ପରେ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି ଭାରତୀୟ ସେନାର ଟପ୍ ଅଫିସର ଡିଜି ଲେଫ୍ଟନାଣ୍ଟ ସମର ଇଭାନ ଡି ଚୁହ୍ନା ।



ଏକ ସାକ୍ଷତକାରରେ ଲେଫ୍ଟନାଣ୍ଟ ସମର ଇଭାନ ଡି ଚୁହ୍ନା କହିଛନ୍ତି, ପହଲଗାମ ହମଲାର ପ୍ରତିଶୋଧ ନେବାକୁ ପାକିସ୍ତାନ ଆତଙ୍କବାଦୀ ଠିକଣାକୁ ଭାରତ ଛାରଖାର କରିଥିଲା। ଯାହାଫଳରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା । ଯାହା ତା'ର ସବୁଠୁ ବଡ଼ ଭୁଲ ଥିଲା । ପାକିସ୍ତାନ ୮୦୦ରୁ ୧୦୦୦ ଡ୍ରୋନ୍ ଛାଡିଥିଲା । ଭାରତ ତା'ର ସବୁ ପ୍ଲାନକୁ ଫେଲ୍ କରିଥିଲା । ପାକ୍ ଏୟାରବେସ୍‌କୁ ଧ୍ୱଂସ କରିଥିଲା । ପାକିସ୍ତାନ କେବେ କଳ୍ପନା କରି ନଥିଲା କି ଭାରତୀୟ ସେନା ଏତେ ଶକ୍ତିଶାଳୀ । ତା'ର ନିଦ ଉଡ଼ାଇ ଦେଇଥିଲେ ଆମ ସେନା ।''ଅପରେସନ୍ ସିନ୍ଦୂର ବାବଦରେ କହି ଡି ଚୁହ୍ନା କହିଛନ୍ତି,'' ଭାରତ ପାଖରେ ପାକିସ୍ତାନର ସମୂଚ କ୍ଷେତ୍ରରେ ଟାର୍ଗେଟ କରିବାର କ୍ଷମତା ରହିଛି। ପାକିସ୍ତାନର ଯେକୌଣସି ସ୍ଥାନକୁ ଭାରତ ଟାର୍ଗେଟ କରିପାରେ । ପୁରା ପାକିସ୍ତାନ ଭାରତ ରେଞ୍ଜରେ ରହିଛି । ପାକିସ୍ତାନ ତା'ର ସେନା ମୁଖ୍ୟାଳୟ ରାୱଲପିଣ୍ଡରୁ ପରିବର୍ତ୍ତନ କଲେ ବି କିଛି ଲାଭ ହେବ ନାହିଁ । ତାକୁ ଲୁଚିବାକୁ ଗଭୀର ଗର୍ତ୍ତ ଖୋଳିବାକୁ ପଡ଼ିବ । ମୁଁ କେବଳ ଏତିକି କହିବାକୁ ଚାହିଁବି ପାକିସ୍ତାନକୁ ମାତ ଦେବାକୁ ଭାରତ ପାଖରେ ପର୍ଯ୍ୟାପ୍ତ ପରିମାଣର ଅସ୍ତ୍ରଶସ୍ତ୍ର ଅଛି । ଆଧୁନିକ ସ୍ୱଦେଶୀ ଟେକନିକ୍ ଅସ୍ତ୍ର ରହିଛି । ସେ ଯେଉଁଠି ବି ରହୁ ସେ ଆମ ସୀମାରେ ରହିବ।''

## ଜୁଲାଇ ୧ରୁ ମାଟ୍ରିକ ସପ୍ଲିମେଣ୍ଟାରୀ

**କଟକ, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ପକ୍ଷରୁ ମାଟ୍ରିକ ସପ୍ଲିମେଣ୍ଟାରୀ ଏବଂ ଓଡ଼ିଶା ଷ୍ଟେଟ୍ ସ୍କୁଲ ସାର୍ଟିଫିକେଟ ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଆସନ୍ତା ଜୁଲାଇ ୧ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ହେବ। ଏହି ପରୀକ୍ଷା ଜୁଲାଇ ୧ରୁ ଆରମ୍ଭ ହୋଇ ୧୦ ତାରିଖ ଯାଏଁ ଚାଲିବ। ସକାଳ ୯ଟାରୁ ୧୧ଟା ୩୦ ଯାଏଁ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶାର ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା କାର୍ଯ୍ୟସୂଚୀ *(ପୃଷ୍ଠା ୭ରେ)*

# ଭୁବନେଶ୍ୱରରେ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ



**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ଇଣ୍ଡିଆନ୍ ନ୍ୟାସନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନ୍ଏଇ)ର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ହୋଇଛି ବକ୍ତୃତାମାଳା କାର୍ଯ୍ୟକ୍ରମ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ୟୁନିଭର୍ସିଟି କ୍ୟାମ୍ପସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱରରେ ପହଞ୍ଚିଛନ୍ତି ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ (ଇସ୍ରୋ)ର ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ ।

ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରରେ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ ସୋଆ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଏନ୍ଏଇ ଓଡ଼ିଶା ଶାଖାର ଅଧ୍ୟକ୍ଷ ତଥା ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ। ସୂଚନାଥାଉକି, ବୁଧବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁବି ୟୁନିଭର୍ସିଟି କ୍ୟାମ୍ପସ ୨ ପରିସରରେ ଇଣ୍ଡିଆନ୍ ନ୍ୟାସ୍‌ନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନ୍ଏଇ)ର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ବକ୍ତୃତାମାଳା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୋଆ ଫ୍ୟାକଲ୍ଟି ଏବଂ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତୃତା ପ୍ରଦାନ କରିବେ ଡକ୍ଟର ଭି. ନାରାୟଣନ୍।

୧୯୯୮ ମସିହା ମେ'୧୧ ଏବଂ ୧୩ ତାରିଖ ମଧ୍ୟରେ ପୋଖରାନ୍ *(ପୃଷ୍ଠା ୭ରେ)*

# ଜୁନ୍ ୧ ପର୍ଯ୍ୟନ୍ତ ଯୁକ୍ତ ୩ ଆବେଦନ ସମୟସୀମା ବୃଦ୍ଧି



**ଭୁବନେଶ୍ୱର, ୨୦।୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଥିବା ସମସ୍ତ କଲେଜରେ ଯୁକ୍ତ ୩ରେ ନାମଲେଖା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ଛାତ୍ରଛାତ୍ରୀମାନେ ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଅନଲାଇନ୍‌ରେ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ +୨ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ନାତକ ପାଠ୍ୟକ୍ରମରେ ନାମଲେଖା *(ପୃଷ୍ଠା ୭ରେ)*

# ଆଜି ପ୍ରକାଶ ପାଇବ +୨ ପରୀକ୍ଷା ଫଳ

**ଭୁବନେଶ୍ୱର, ୨୦।୫**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଯୁକ୍ତ ୨ ପରୀକ୍ଷା ଫଳ ବୁଧବାର ଅପରାହ୍ନରେ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଏକାସଙ୍ଗେ କଳା, ବାଣିଜ୍ୟ, ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇ କହିଛନ୍ତି ଯେ, ଫଳ ପ୍ରକାଶନ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ଏବଂ ଆଉ କୌଣସି ବିଳମ୍ବ ହେବ ନାହିଁ। ଚଳିତ ବର୍ଷ ଫେବୃୟାରୀ ୧୫ରୁ ମାର୍ଚ୍ଚ ୨୦ ମଧ୍ୟରେ ଅନୁଷ୍ଠିତ ଯୁକ୍ତ ୨ ପରୀକ୍ଷାରେ ମୋଟ ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ କଳା ବିଭାଗରେ ୨,୪୭,୩୯୧, ବିଜ୍ଞାନରେ ୧,୧୪,୯୮୦, *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ପୋଲାଭରମର କଳି
ତୁଟିଯିବ କିବା ଭଲା
ପ୍ରଧାନ ମନ୍ତିରୀଙ୍କ କଥା ମାନିକି
ଛିଡିବ କି ଏଇ ପାଲା
ନା ଖାଲିସବୁ ପୋଲା
ଓଡ଼ିଶା ସ୍ୱାର୍ଥଟା ବୁଝିବେ ଲାଗୁଛି
ସାହା ସେ ଉପର ବାଲା !!

# ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ଲାଗି ଅପରେସନ୍ ଅଲିଭିଆ



**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ସାମୁଦ୍ରିକ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ତଟରକ୍ଷୀ ବାହିନୀ (ଇଣ୍ଡିଆନ କୋଷ୍ଟ ଗାର୍ଡ)ର ବାର୍ଷିକ ମିଶନ 'ଅପରେସନ୍ ଅଲିଭିଆ' ଉଲ୍ଲେଖନୀୟ ସଫଳତା ପାଇଛି। ଭାରତୀୟ ତଟରକ୍ଷୀ ବାହିନୀ ଫେବୃୟାରୀ ୨୦୨୫ରେ ଓଡ଼ିଶାର ଋଷିକୂଲ୍ୟା ନଦୀ ମୁହାଣରେ ବସା ବାନ୍ଧିଥିବା ୬.୯୮ ଲକ୍ଷରୁ ଅଧିକ ଅଲିଭ୍ ରିଡଲେ କଇଁଛଙ୍କୁ ସୁରକ୍ଷା ଦେବାରେ ସାହାଯ୍ୟ କରିଥିଲା। ପ୍ରତିବର୍ଷ ନଭେମ୍ବରରୁ ମେ' ମାସ ପର୍ଯ୍ୟନ୍ତ ଚାଲିଥିବା ଅପରେସନ ଅଲିଭିଆ ଭାରତୀୟ ତଟରକ୍ଷୀ ବାହିନୀର ଏକ ପ୍ରମୁଖ ସାମୁଦ୍ରିକ ସଂରକ୍ଷଣମୂଳକ ପଦକ୍ଷେପ। ଏହା ବିଶେଷକରି ଓଡ଼ିଶାର ଗହୀରମଥା ବେଳାଭୂମି ଏବଂ ଆଖପାଖ ଉପକୂଳବର୍ତ୍ତୀ ଅଞ୍ଚଳରେ ଅଲିଭ୍ ରିଡଲେ କଇଁଛଙ୍କ ବସା ଲାଗି ସୁରକ୍ଷିତ ସ୍ଥାନ ନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ଯେଉଁଠାରେ ପ୍ରତିବର୍ଷ ଆଠ ଲକ୍ଷରୁ ଅଧିକ କଇଁଛ ଅଣ୍ଡା ଦେବାକୁ ଆସନ୍ତି। ଓଡ଼ିଶାର ଋଷିକୂଲ୍ୟା ନଦୀ ମୁହାଣରେ ଅଲିଭ ରିଡଲେ କଇଁଛଙ୍କ ଦ୍ୱାରା ରେକର୍ଡ ସାମୂହିକ ଅଣ୍ଡାଦାନ, ଭାରତୀୟ ତଟରକ୍ଷୀ ବାହିନୀର ନିରନ୍ତର ପାଟ୍ରୋଲିଂ, ଆକାଶ ମାର୍ଗରୁ ପର୍ଯ୍ୟବେକ୍ଷଣ ଏବଂ ସାମୁଦାୟିକ ସହଯୋଗ ମାଧ୍ୟମରେ ଏହି ବିଲୁପ୍ତପ୍ରାୟ ପ୍ରଜାତିକୁ ସୁରକ୍ଷା ଦେବା ପାଇଁ କରାଯାଉଥିବା ନିରନ୍ତର ପ୍ରୟାସର ପ୍ରମାଣ। ଅପରେସନ୍ *(ପୃଷ୍ଠା ୭ରେ)*

# କେରଳ ଛୁଇଁବ ମୌସୁମୀ ବାୟୁ



**ଭୁବନେଶ୍ୱର ୨୦।୫**
**ନ୍ୟୁଜ ବ୍ୟୁରୋ**

ଖୁବ୍‌ଶୀଘ୍ର କେରଳ ଛୁଇଁବ ମୌସୁମୀ । ୪ରୁ ୫ଦିନ ମଧ୍ୟରେ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଏନେଇ ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ 'ଏକ୍ସ' ଜରିଆରେ ସୂଚନା ପ୍ରଦାନ କରିଛନ୍ତି ।

ସେ ଲେଖିଛନ୍ତି, କେରଳ ଛୁଇଁବ ମୌସୁମୀ ! ଆଗାମୀ ୪ରୁ ୫ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ପାଇଁ ପାଣିପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି ।

ଗତ ୧୩ ତାରିଖରେ ଆଣ୍ଡାମାନ ସାଗରରେ ପ୍ରବେଶ କରିଥିଲା । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର ସମେତ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଓ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ମଇ ୨୦୨୫ ବୁଧବାର





# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି କେବେ ?

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ୧୮ ବିଭାଗ ପାଇଁ ୧୨୬ ଅଧ୍ୟାପକ ଆବଶ୍ୟକ । ଏବେ ନିୟମିତ ଅଧ୍ୟାପକଙ୍କ ସଂଖ୍ୟା ୧୫ ରୁ କମ୍ । ଅଧ୍ୟାପକ ନିଯୁକ୍ତି ସମ୍ପର୍କିତ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବାରୁ ସରକାରଙ୍କ ଅନୁମୋଦନ ସତ୍ତ୍ୱେ ଅଧ୍ୟାପକ ନିଯୁକ୍ତି ଅଟକି ରହିଥିଲା । ଏବେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ୨୦୨୦କୁ ନେଇ ଚାଲିଥିବା ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଫଳରେ ଅଧ୍ୟାପକ ନିଯୁକ୍ତି ବିବାଦ ଶେଷ ହୋଇଛି । ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ୨୦୨୪ ଅନୁସାରେ ନିଯୁକ୍ତି ହେବ ବୋଲି ସୁପ୍ରିମ୍‌କୋର୍ଟ କହିବା ପରେ ଅଧ୍ୟାପକ ନିଯୁକ୍ତି କେବେ ହେବ ବୋଲି ପ୍ରଶ୍ନ ଉଠିଛି । ୧ ଅଗଷ୍ଟ ୨୦୨୧ରେ ରାଜ୍ୟ ସରକାର ଖଲ୍ଲିକୋଟ ସ୍ୱୟଂଶାସିତ କଲେଜକୁ ଏକକ ବିଶ୍ୱବିଦ୍ୟାଳୟର ଘୋଷଣା ହେବାର ବର୍ଷେ ପୂରଣ ହୋଇସାରିଥିଲେ ମଧ୍ୟ ସ୍ୱୟଂଶାସିତ କଲେଜ ପାଇଁ ଅନୁମୋଦିତ ଶିକ୍ଷକଙ୍କ ସଂଖ୍ୟାରେ ଏହି ଶିକ୍ଷାନୁଷ୍ଠାନ ଚାଲିଥିଲା । ସେଥିପାଇଁ ଏହି ଐତିହାସିକ ଶିକ୍ଷାନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ଉପଯୁକ୍ତ ଅଗ୍ରଗତି ହାସଲ କରିପାରୁନଥିବା ଅଭିଯୋଗ ହେଉଛି । ବିଶ୍ୱବିଦ୍ୟାଳୟର ୧୮ ବିଭାଗରେ ୧୨୬ ପ୍ରଫେସର, ସହକାରୀ ପ୍ରଫେସର ଓ ସହଯୋଗୀ ପ୍ରଫେସର ଆବଶ୍ୟକ ଥିବାବେଳେ ଏହି ସଂଖ୍ୟା ୧୫ ଭିତରେ ସୀମିତ ରହିଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟରେ ମୋଟ ୧୨୬ ଶିକ୍ଷକ ପଦ ସୃଷ୍ଟି କରିବାକୁ ପ୍ରସ୍ତାବ ଦାଖଲ ହୋଇଥିଲା । ପ୍ରତ୍ୟେକ ବିଭାଗ ପାଇଁ ଜଣେ ଲେଖାଏଁ ପ୍ରଫେସର, ୨ ଜଣ ସହକାରୀ ପ୍ରଫେସର ଓ ୪ ଜଣ ସହଯୋଗୀ ପ୍ରଫେସର ପଦ ସୃଷ୍ଟି ପାଇଁ ତତ୍କାଳୀନ କୁଳସଚିବ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଦାଖଲ କରିଥିଲେ । ଏହାର ବିଚାର କରି ଅକ୍ଟୋବର ୨୦୨୨ରେ ଏହି ବିଶ୍ୱବିଦ୍ୟାଳୟ ପାଇଁ ୧୧୨ଟି ନୂଆ ଶିକ୍ଷକ ପଦବୀ ସୃଷ୍ଟିକୁ ଉଚ୍ଚ ଶିକ୍ଷା ବିଭାଗର ଅନୁମୋଦନ ଦେଇଥିଲା । ଓଡ଼ିଆ, ବାଣିଜ୍ୟ, ନୃତତ୍ୱ, ପଦାର୍ଥ ବିଜ୍ଞାନ, ରାଜନୀତି ବିଜ୍ଞାନ ଆଦି ୧୬ଟି ବିଭାଗରେ ଜଣେ ଲେଖାଏଁ ପ୍ରଫେସର, ୨ ଜଣ ଲେଖାଏଁ ସହକାରୀ ପ୍ରଫେସର ଓ ୪ ଜଣ ଲେଖାଏଁ ସହଯୋଗୀ ପ୍ରଫେସର ପଦ ସୃଷ୍ଟିକୁ ଅନୁମୋଦନ ମିଳିଥିଲା । ହେଲେ ନିଯୁକ୍ତିକୁ ନେଇ ସୁପ୍ରିମ୍‌କୋର୍ଟରେ ମାମଲା ଦାୟର ହେବା ପରେ ପ୍ରକ୍ରିୟା ଅଟକିଯାଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏହି ବିଶ୍ୱବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱ ନେବା ପରେ ଶିକ୍ଷାଦାନକୁ ଅଧିକ ଗୁରୁତ୍ୱ ଦେଇଥିଲେ । ଚଳିତ ଶିକ୍ଷା ବର୍ଷ ପାଇଁ ପ୍ରାୟ ୬୦ ଜଣ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଛନ୍ତି । ବର୍ତ୍ତମାନ ନିଯୁକ୍ତିକୁ ନେଇ ସୁପ୍ରିମ୍‌କୋର୍ଟରେ ଚାଲିଥିବା ମାମଲା ଶେଷ ହୋଇଛି ଏବଂ ଅଧ୍ୟାପକ ନିଯୁକ୍ତିର ବାଟ ଖୋଲିଛି । ତେବେ କେତେଶୀଘ୍ର ଅଧ୍ୟାପକ ନିଯୁକ୍ତି କରି ସରକାର ଶିକ୍ଷାନୁଷ୍ଠାନର ପାଠ ପଢ଼ାକୁ ସ୍ୱାଭାବିକ କରୁଛନ୍ତି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

# କାର୍ ସହ ୬୬ କେଜି ଗଞ୍ଜେଇ ଜବତ:ଚାଳକ ଚମ୍ପଟ୍



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ବିଦୁରୁପାଲି ଛକ ନିକଟରେ କାର୍ ସହ ବିପୁଳ ମାତ୍ରାରେ ଗଞ୍ଜେଇ ଜବତ ହୋଇଛି । ଅଭିଯୁକ୍ତ କିନ୍ତୁ ଫେରାର୍ ହୋଇଛି । ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ୩ଟା ସମୟରେ ସୋନପୁର ପଟରୁ ଏକ କାର୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା । ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କ ନିର୍ଦ୍ଦେଶ କ୍ରମେ ବୀରମହାରାଜପୁର ପୋଲିସ ଟିମ୍ ଉକ୍ତ କାର୍‌ର ପିଛା କରିଥିଲେ । ତେବେ କାର୍‌ଟି ହିକୁଡ଼ି ଛକରେ ଏକ ଲାଇଟ୍ ଖୁଣ୍ଟକୁ ଧକ୍କା ଦେଇ ଫେରାର୍ ମାରିଥିଲା । ପୋଲିସ ତାର ପିଛା କରିଥିବା ବେଳେ ବିଦୁରୁପାଲି ଛକ ନିକଟରେ ଚାଳକ କାର୍ ଛାଡ଼ିଦେଇ ଫେରାର୍ ମାରିଥିବା ସୂଚନା ମିଳିଛି । ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ୍ ତଥା ତହସିଲଦାର ମମତା ମେହେର ଏବଂ ପୋଲିସ ଉପସ୍ଥିତିରେ ଗଞ୍ଜେଇ ଓଜନ କଲା ପରେ ୬୫ କେଜି ୮୬୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା । ତେବେ କାର୍‌ରେ ଆଉ କେତେ ଜଣ ଅଭିଯୁକ୍ତ ଥିଲେ ତାହା ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଠିକାଦାରଙ୍କ କବ୍‌ଜାରୁ ବାତ୍ୟା ଆଶ୍ରୟସ୍ଥଳୀ ମୁକ୍ତ କରିବାକୁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆୟତପୁର ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳକୁ ଜଣେ ଠିକାଦାର ଜୋର୍ ଜବରଦସ୍ତ ନିଜ କବ୍‌ଜାରେ ରଖି ବ୍ୟବହାର କରୁଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଆୟତପୁର ଗ୍ରାମର ଶତାଧିକ ଗ୍ରାମବାସୀ ବାତ୍ୟା ଆଶ୍ରୟସ୍ଥଳୀରେ ଠିକାଦାର ରଖିଥିବା ଆବଶ୍ୟକୀୟ ପଦାର୍ଥ ଓ ମେସିନ୍ ଇତ୍ୟାଦିକୁ ସେଠାରୁ ବାହାର କରିବା ସହିତ ଆଶ୍ରୟସ୍ଥଳୀକୁ ପ୍ରଶାସନକୁ ହସ୍ତାନ୍ତର କରିବା ପାଇଁ ଦାବି କରାଯାଇଛି । ଏହି ବାତ୍ୟା ଆଶ୍ରୟସ୍ଥଳୀକୁ ଠିକାଦାର ନିଜ ଅକ୍ତିଆରରେ ରଖି କାନ୍ଥ ଝରକା ଇତ୍ୟାଦିକୁ ଭାଙ୍ଗିରୁଜି ଦେଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହାକୁ ତୁରନ୍ତ ଖାଲି କରିବା ପାଇଁ ଅବିନାଶ ଦାସ, ପ୍ରକାଶ ନାୟକ, ଶୈଳେନ୍ଦ୍ର ନାୟକ, ବିନୋଦ ସାମନ୍ତରାୟ, ରବିନ୍ଦ୍ର ନାୟକ ପ୍ରମୁଖ ଦାବି କରିଛନ୍ତି ।



# ରୋଟାରୀ ଜିଲ୍ଲା ଗଭର୍ଣ୍ଣରଙ୍କ ଚୌଦ୍ୱାର କ୍ଲବ୍ ପରିଦର୍ଶନ




**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ରୋଟାରୀ କ୍ଲବ୍ ତରଫରୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣରଙ୍କ ପରିଦର୍ଶନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କ୍ଲବ୍ ସଭାପତି ନରେଶ କୁମାର ସାହୁଙ୍କ ପୌରୋହିତ୍ୟରେ କପାଳେଶ୍ୱର ସ୍ଥିତ ରୋଟାରୀ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଜଙ୍ଘାଶିଷ ମହାପାତ୍ର ଅତିଥି ଭାବେ ଯୋଗଦେଇ ଚୌଦ୍ୱାର କ୍ଲବ୍‌ର ବିଭିନ୍ନ ସେବାକାର୍ଯ୍ୟର ପ୍ରଶଂସା କରିବା ସହିତ କ୍ଲବ୍‌ର ସଦସ୍ୟ ସଦସ୍ୟା ମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ । ଆସିଷ୍ଟାଣ୍ଟ ଗଭର୍ଣ୍ଣର ଦେବାଶିଷ ଆଚାର୍ଯ୍ୟ, ସେକ୍ରେଟାରୀ ସୁଶାନ୍ତ କୁମାର ମହାପାତ୍ର, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ , ରୋଟାରିଆନ୍ ଇତୁନ୍ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ । ଗତ ମ୍ୟାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଅଞ୍ଚଳର ଉଚ୍ଚ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀ ଓ ସିବିଏସ୍‌ସି ଦଶମ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଚୌଦ୍ୱାର ଶିଶୁ ସଦନର ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । କ୍ଲବ୍ ସମ୍ପାଦକ ପବିତ୍ର ମୋହନ ସାହୁ ସ୍ୱାଗତ ଭାଷଣ ଓ ରବିନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶରତ କୁମାର ଖୁଣ୍ଟିଆ, ପ୍ରତାପ କୁମାର ଶତପଥି, କାଶୀନାଥ ମହାନ୍ତି, କ୍ଷିତିନ୍ଦ୍ର କାନୁନ୍‌ଗୋ, ବିଶ୍ୱକଲ୍ୟାଣ ଦାସ, ପଞ୍ଚାନନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୂର୍ବତନ ସଭାପତି ଜୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାମୀର ମରଣାନ୍ତକ ମାଡ଼ରେ ସ୍ତ୍ରୀ ଗୁରୁତର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

କୁନ୍ଦେଇ ଥାନା ଅଧୀନରେ ଥିବା ଖୁଡୁକ ଗ୍ରାମରେ ସ୍ୱାମୀ ବନସୁ ରାମ କାରିଗର ସ୍ତ୍ରୀ ଅନିତା କାରିଗରକୁ ମାଡ଼ ମାରିଥିଲେ । ଯାହା ଫଳରେ ସ୍ତ୍ରୀ ଅନିତା ରକ୍ତାକ୍ତ ଅବସ୍ଥାରେ ପ୍ରାଥମିକ ଚିକିତ୍ସା ପରେ ଥାନାର ଦ୍ୱାରସ୍ତ ହୋଇଥିଲେ । କୁନ୍ଦେଇ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା କେଶ ନମ୍ବର ୬୪ରେ ଏକ ମାମଲା ରୁଜୁ କରି ବନସୁଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ ରବିବାର ପ୍ରାୟ ୧୨ଟା ସମୟରେ ଅନିତା ବଜାରକୁ ନିଜ ମା' କୁମାରୀ କାରିଗରଙ୍କ ସହ ଯାଇଥିଲେ । ସ୍ୱାମୀ ବନସୁ ରାମ ଘରେ ଖୋଜି ନପାଇବା ପରେ ବଜାରକୁ ଯାଇ ସ୍ତ୍ରୀ ଅନିତାକୁ ପଇସା ମାଗିଥିଲେ । ଅନିତା ଦେବାକୁ ମନା କରିବାରୁ ପାଟିତୁଣ୍ଡ କରିବା ସହ ମାର୍ ପିଟ୍ କରିଥିଲେ । ଏଥିସହ କୋଳରେ ଥିବା ଦୁଇ ବର୍ଷର ଝିଅକୁ ଟଣା ଓଟରା କରିଥିଲେ । ଏହାପରେ ଅନିତା ନିଜ ମା' ସହ ସେଠାରୁ ଖସି ପଳେଇ ଆସି କୁନ୍ଦେଇ ଥାନାରେ ଜଣାଇବା ପରେ ବନସୁକୁ ଗିରଫ କରି କୋର୍ଟ ଚାଲାଣ କରିଛି କୁନ୍ଦେଇ ପୋଲିସ ।



# ୧୬ଟି ଗାଁରେ ବିଧାୟକ ଉନ୍ନୟନ ପାଣ୍ଠି କାର୍ଯ୍ୟାଦେଶ ବଣ୍ଟନ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋମୁଣ୍ଡା ବ୍ଲକ୍‌ର ୧୬ଟି ଗାଁରେ ବିଧାୟକ ଉନ୍ନୟନ ପାଣ୍ଠିର କାର୍ଯ୍ୟାଦେଶ ବଣ୍ଟନ କଲେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ। ଚାଉଲିଆ, ଗନ୍ଧରାବନ୍ଧ, ବାଦିଚକା, ଭୁସଲାଡ, ମାମିଆଁ, ପୁରୁନିଆପାଲି, ଭାନପୂର୍ତ୍ତ, ପୁଟୁପଡ଼ା, ଲୋହୋରାପାଲି, ବାଲବେଙ୍କ, ଆଲଣ୍ଡା, ବଗପଡ଼ା, ରାନୀପୁର, ପୁଡ଼ାପାଲି, ବାହାବଲ ଅନେକ ଗାଁରେ ପ୍ରହରୀ ମଣ୍ଡପ, ରାସ୍ତା, କ୍ଲବ୍ ଘର ନିର୍ମାଣ ପାଇଁ ଭୂମି ପୂଜନ' 'ଅପରେସନ ସିନ୍ଦୂର'ରେ ଭାରତୀୟ ସେନା ବାହିନୀର ଶୌର୍ଯ୍ୟ, ବୀରତ୍ୱ ଓ ପରାକ୍ରମକୁ ସମ୍ମାନ ଜଣାଇ ଆୟୋଜିତ 'ତ୍ରିରଙ୍ଗାଯାତ୍ରା'ରେ ଜନସାଧାରଣ ତଥା କାର୍ଯ୍ୟକର୍ତ୍ତା ସାମିଲ୍ ହୋଇଥିଲେ।

# ଉଚ୍ଚଶିକ୍ଷା ଏବଂ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଐତିହାସିକ ପଦକ୍ଷେପ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**





ଉଚ୍ଚଶିକ୍ଷା ଏବଂ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ପିଲାଙ୍କୁ ଜାତିଗତ ସଂରକ୍ଷଣ ରାଜ୍ୟ ବିଜେପି ସରକାରଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି ବିଜେପି ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ । ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେପି ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି ଯେ ଓଡ଼ିଶାରେ ଦୀର୍ଘବର୍ଷ ଧରି କ୍ଷମତାରେ ଥିବା କଂଗ୍ରେସ ଏବଂ ବିଜେଡି ସରକାର ଯାହା କରିନଥିଲେ ମୋହନ ସରକାର ତାହା କରିପାରିଛନ୍ତି । ଶିକ୍ଷା ଏବଂ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କୁ ୧୧. ୨୫ ପ୍ରତିଶତ ଆରକ୍ଷଣ ପାଇଁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି ଯାହାକି ଚଳିତ ଶିକ୍ଷା ବର୍ଷ ଠାରୁ ଲାଗୁ ହେବାକୁ ଯାଉଛି । ଏଥିପାଇଁ ରାଜ୍ୟରେ ୫୪ ପ୍ରତିଶତ ପଛୁଆବର୍ଗ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଆନ୍ତରିକ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହା ଫଳରେ ଏହି ବର୍ଗର ଛାତ୍ର ଛାତ୍ରୀ ମାନେ ଉଚ୍ଚ ଶିକ୍ଷା ପାଇବେ ଆଗକୁ ବଢ଼ିବାର ସୁଯୋଗ ପାଇବେ । ପ୍ରଚଳିତ ସମାଜରେ ସାମଗ୍ରିକ ଏବଂ ସମନ୍ୱିତ ବିକାଶ ପାଇଁ ପଛୁଆ ବର୍ଗଙ୍କୁ ଧ୍ୟାନ ଦେବା କ୍ଷେତ୍ରରେ ନରେନ୍ଦ୍ର ମୋଦି ହେଉଛନ୍ତି ପ୍ରଥମ ନେତା । ଓବିସି କମିସନରଙ୍କୁ ସମ୍ବିଧାନିକ ଗୁରୁତ୍ୱ ଦେବା, ନିଜ ମନ୍ତ୍ରୀ ମଣ୍ଡଳରେ ୨୭ ଜଣ ଓବିସି ବର୍ଗଙ୍କୁ ସାମିଲ୍ କରିବା ମେଡିକାଲ ଏବଂ ଡେଣ୍ଟାଲ୍, ସୈନିକ ସ୍କୁଲ୍ ଏବଂ କେନ୍ଦ୍ରୀୟ ବିଦ୍ୟାଳୟରେ ୨୭ ପ୍ରତିଶତ ପଛୁଆ ବର୍ଗଙ୍କୁ ଆରକ୍ଷଣ ଦେବା, ବିଭିନ୍ନ ରାଜ୍ୟରେ ମୁଖ୍ୟମନ୍ତ୍ରୀ/ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ସମୟରେ ଏହି ବର୍ଗଙ୍କୁ ଗୁରୁତ୍ୱ ଦେବା ମୋଦି ସରକାରଙ୍କ ସାମାଜିକ ନ୍ୟାୟ ପ୍ରତି ପ୍ରତିବଦ୍ଧତା ବୋଲି କହିଥିଲେ । ଏହାର ପ୍ରତିଫଳନ ସ୍ୱରୂପ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ମୋହନ ସରକାର ପଛୁଆ ବର୍ଗଙ୍କୁ ୧୧. ୨୫ ପ୍ରତିଶତ ଆରକ୍ଷଣ ଘୋଷଣା କରିଥିବା ବେଳେ ଆଗକୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ପଛୁଆବର୍ଗଙ୍କୁ ଅନୁରୂପ ଆରକ୍ଷଣ ଯୋଗାଇ ଦିଆଯିବ ବୋଲି ମୋହନ ସରକାର ପ୍ରତିଶୃତିବଦ୍ଧ ମୋର୍ଚ୍ଚା ସଭାପତି କହିଛନ୍ତି । ତେବେ ପଛୁଆବର୍ଗଙ୍କ ପାଇଁ ଏଭଳି ଆରକ୍ଷଣ ସୁବିଧାକୁ ବିରୋଧୀଦଳ ଗ୍ରହଣ କରିନପାରି ଏହା ବିରୋଧରେ ମତ ଉପସ୍ଥାପନା କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା ସଭାପତି ବଦ୍ରି ନାରାୟଣ ଧଳ, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ଡ. ସୁଧାଂଶୁ ନାୟକ, ଓବିଶି ରାଜ୍ୟ ସଂଯୋଜକ ଅଶୋକ ପୁହାଣ,ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ଓବିଶି ଜିଲ୍ଲା ସଂଯୋଜକ ବୁଧଦେବ ଜେନା, ଜିଲ୍ଲା ଓବିଶି ସଭାପତି ବୀରେନ୍ଦ୍ର ଜେନା, ଚତୁର୍ଭୁଜ ନାୟକ, ରଘୁନାଥ ପାତ୍ର ଏବଂ କମଳା ସୁତାର ପ୍ରମୁଖ ଯୋଗଦେଇ ପଛୁଆବର୍ଗଙ୍କ କ୍ଷେତ୍ରରେ ଜାତିଗତ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ ।

# ବିପୁଳ ମଦ ଜବତ:ଜଣେ ମହିଳା ସମେତ ୭ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ନିକିରେଇ, ଆଳି ଓ ମାର୍ଶାଘାଇ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଦଧିବାବନପୁର ଗୁରୁଚରଣ ପରିଡା (୫୬)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ମୋହନପୁର ଗ୍ରାମର ସୁମତି ମଳିକ (୬୫)ଙ୍କ ଠାରୁ ୩୦ ଲିଟର ବିଦେଶୀ ମଦ, ହିଂସାଡା ଗ୍ରାମର ପ୍ରଶାନ୍ତ ମଳିକ (୪୫)ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, କଣ୍ଟିଆ ଗ୍ରାମର ଅଗଣି ଜେନା (୫୭)ଙ୍କ ଠାରୁ ୩୭ ଲିଟର ଦେଶୀ ମଦ, ପାଳକଣା ଗ୍ରାମର ଦୀପକ ସେଠୀ (୩୬)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ନେମ୍ବରା ଗ୍ରାମର ବିଶ୍ୱଜିତ ସ୍ୱାଇଁ (୪୪)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ଓ ମଙ୍ଗଳା ଛକ ଗ୍ରାମର ସନ୍ତୋଷ ବେହେରା (ବୟସ-୩୫)ଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୨୨୧ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୧ ମହିଳା ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ କେନ୍ଦ୍ରାପଡ଼ା କହିଛନ୍ତି । ଏହି ଚଢଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।





# ପୁରସ୍କୃତ ହେବ ଡେଙ୍ଗୁ ଶୂନ୍ୟ ୱାର୍ଡ:ଡେଙ୍ଗୁ ଦୂର ପାଇଁ ୧୦୦ କର୍ମଚାରୀ, ୨୦ଟିମ୍ ନିଯୁକ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବର୍ଷା ଋତୁ ଆସିବା ପୂର୍ବରୁ ଡେଙ୍ଗୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସକାଳେ କମିସନର ରାଜେଶ ପ୍ରଭାକର ପାଟିଲ ଓ ସନ୍ଧ୍ୟାରେ ମେୟର ସୁଲୋଚନା ଦାସ ଡେଙ୍ଗୁ ସ୍ଥିତିର ସମୀକ୍ଷା କରିଛନ୍ତି। ଅଧିକାରୀଙ୍କ ସହ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡେଙ୍ଗୁ ରୋଗୀ ସଂଖ୍ୟା ହ୍ରାସ ଦିଗରେ ସମନ୍ୱୟ ରକ୍ଷା ପୂର୍ବକ କାମ କରିବାକୁ କୁହାଯାଇଛି। ଚଳିତ ବର୍ଷ ଡେଙ୍ଗୁ ଶୂନ୍ୟ ୱାର୍ଡକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ, ଡେଙ୍ଗୁ ଦୂରୀକରଣ ପାଇଁ ବିଏମ୍‌ସିର ୧୦୦ କର୍ମଚାରୀଙ୍କୁ ନେଇ ୨୦ଟି ଟିମ୍ ଗଠନ କରାଯିବ। ପ୍ରତି ଟିମ୍‌ରେ ୫ଜଣ କର୍ମଚାରୀ ରହିବେ। ଏମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ଡେଙ୍ଗୁ ବଂଶବୃଦ୍ଧି କାରଣର ଡେମୋନ୍‌ଷ୍ଟ୍ରେସନ୍ କରିବେ। ଲୋକଙ୍କୁ ଡେଙ୍ଗୁ ରୋଗ ସଂପର୍କରେ ଜଣାଇବେ। ରେଡିଓ, ସମସ୍ତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ବିଶେଷଜ୍ଞଙ୍କର ସଚେତନତାମୂଳକ ବାର୍ତ୍ତା, ବୃତ୍ତଚିତ୍ର, ସ୍ଥିରଚିତ୍ର ଆଦି ଜରିଆରେ ଜନ ସଚେତନତା ସୃଷ୍ଟି କରାଯିବ। ଡାକବାଜି ଜରିଆରେ ସମସ୍ତ ଆବାସିକ ଓ ବ୍ୟବସାୟିକ ଅଞ୍ଚଳରେ ପ୍ରଚାର କରାଯିବ। ସମସ୍ତ କର୍ପୋରେଟର, ଆବାସିକ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ବଜାର ସଂଘ, ହୋଟେଲ, ରେଷ୍ଟୁରାଣ୍ଟ, ବସ୍ତି ସଂଘ, ଉଠାଦୋକାନୀ ସଂଘ ଆଦିଙ୍କୁ ନେଇ ସଚେତନତା ସଭା ଓ ଶୋଭାଯାତ୍ରା କରାଯିବ। ସମସ୍ତ ସରକାରୀ କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟର୍ସ, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ଶିଳ୍ପାଞ୍ଚଳ, ଇଡ୍‌କୋ ଆଦି ଅଞ୍ଚଳରେ ସ୍ୱତନ୍ତ୍ର ନଜର ରଖାଯିବ। ନିୟମିତ ମଶା ଧୂଆଁ ଓ ମଶା ତେଲ ସିଞ୍ଚନ କରିବା, ମଶା ଅଣ୍ଡା ଦେଉଥିବା ସ୍ଥାନ ବା ଉତ୍ସଗୁଡିକୁ ନଷ୍ଟ ଆଦି କାର୍ଯ୍ୟ ଜାରି ରହିବ। ପ୍ରତି ୱାର୍ଡରେ 'ଜିରୋ ଡେଙ୍ଗୁ ଡେ' ପାଳନ କରାଯିବ। ଯେଉଁମାନେ ନିୟମ ଭଙ୍ଗ କରିବେ, ମହାମାରୀ ରୋଗ ଆଇନ୍ ଅନୁଯାୟୀ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବ। ଯଦି କୌଣସି ଅଞ୍ଚଳରୁ ଡେଙ୍ଗୁ ରୋଗୀ ଚିହ୍ନଟ ହୁଅନ୍ତି, ସେଠାରେ ସ୍ୱତନ୍ତ୍ର ନଜର ରଖାଯିବ। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ କମିସନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସହକାରୀ କମିସନର ଏନ୍. ଗଣେଶ ବାବୁ, ଅତିରିକ୍ତ ନିର୍ଦ୍ଦେଶକ (ଜନସ୍ୱାସ୍ଥ୍ୟ) ତଥା ଅର୍ବାନ ମେଟ୍ରୋପଲିଟାନ ସର୍ଭେଲାନ୍ସ ୟୁନିଟ୍‌ର ନୋଡାଲ୍ ଅଫିସର ଡା. ପ୍ରମିଳା ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ଲଗ୍ନ / ୨ ବୃ | ବୁ | ଶୁ ରାହୁ ୧୨ / ଚ ୧୧ |
| ୩ମଙ୍ଗ | ୨୪ / ୧୧ | ୧୦ |
| ୪ / ୫କେ | ୭ | ୯ / ୮ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୧।୫।୨୦୨୫, ଜ୍ୟୈଷ୍ଠ ଦ୭ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୫।୯।୩୮ **ଚନ୍ଦ୍ରୋଦୟ-** ରାଘ ୧।୧।୫୬

**ନବମୀ-** ରାଘ ୩।୨୩ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ସଂଘ ୬।୫୮ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୩।୨୩ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୦ ଗତେ ଘ ୮।୨୮ ମଧ୍ୟେ । ଦିଘ ୧।୫୪ ଗତେ ଘ ୫।୨୨ ମଧ୍ୟେ । **ପର୍ବୋତ୍ସବ-** ରାଜୀବଗାନ୍ଧୀ ତିରୋଧାନ ଦିବସ ।

**ମେଷ:** ବ୍ୟବସାୟରୁ ଲାଭବାନ୍ ହେବେ । ରୋଜଗାର ମଧ୍ୟମ ଧରଣର ହେବ । କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ପରିବାରରେ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।

**ବୃଷ:** ହଠାତ୍ ଦୂରଯାତ୍ରା କରି ସଫଳତା ହାସଲ କରିବେ । ପରୋପକାରୀ ହେବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ବନ୍ଧୁ ଦର୍ଶନର ସୁଯୋଗ ।

**ମିଥୁନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ମାନସିକ ଦୁଶ୍ଚିନ୍ତା ଦେଖାଦେଇପାରେ । ପାରିବାରିକ ଜଞ୍ଜାଳ ଓ ଅଶାନ୍ତି ଦେଖାଦେବାର ସୂଚନା ।

**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ରୋଜଗାର ସ୍ଥିର ରହିବ । ପିଲାମାନେ ପାଠପଢ଼ାରେ ଆଗେଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଶରୀର ସୁସ୍ଥ ରହିବାର ସୂଚନା ।

**ସିଂହ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବୃଦ୍ଧି ପାଇବ । ଘରେ ଆନନ୍ଦ ଦେଖାଦେବ । ସେବା ପୂଜାରେ ଦିନଟି ଅତିବାହିତ ହେବ। ସୁସ୍ୱାଦୁ ଭୋଜନ ପ୍ରାପ୍ତ ହୋଇପାରେ । ମନ ଭଲ ରହିବ।

**କନ୍ୟା:** ଦେହ ଓ ମନ ଭଲ ରହିବ । କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଦେଖାଦେବାର ସୂଚନା । ପାରିବାରିକ ଜୀବନ ସୁଖମୟ ହେବ । ଆୟ ସ୍ଥିର ରହିବ। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ମହିଳାମାନେ ସୁଖୀ ହେବେ ।

**ତୁଳା:** ସତ କଥା କହି ଅନ୍ୟମାନଙ୍କ ପାଖରେ ବିରୋଧି ହେବେ । ଶୁଭ ଖବର ପାଇପାରନ୍ତି । ଅର୍ଥ ପ୍ରାପ୍ତିର ସୁଯୋଗ ରହିଛି । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ। ମହିଳାମାନେ ଗର୍ବୀ ହେବେ ।

**ବିଛା:** ଶରୀର ସୁସ୍ଥ ରହିବ । ଦୂରଯାତ୍ରା କରି ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଅବ୍ୟାହତ ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ମନ ଅସ୍ଥିର ରହିବ ।

**ଧନୁ:** ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍କୃଷ୍ଟ ହେବ । ଶତ୍ରୁ ନାଶ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ରୋଜଗାର ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।

**ମକର:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ମୂଲ୍ୟବାନ ଦ୍ରବ୍ୟ ମିଳିପାରେ । ପରୋପକାରୀ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଘରେ ଆନନ୍ଦ ଦେଖାଦେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟର ପରିମାଣ ବଢ଼ିବ । ଦେହ ଭଲ ରହିବ। ସୁସ୍ୱାଦୁ ଭୋଜନ ପ୍ରାପ୍ତ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରି ଆଗେଇବେ ।

**ମୀନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ । ମହିଳାମାନେ ଗର୍ବୀ ହେବେ ।

# ଚୋରି ଅଭିଯୋଗରେ ୨ ଗିରଫ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ବ୍ରହ୍ମଣୀ ବ୍ରିଜ୍ ନିଆକଟରୁ କାର୍ଯ୍ୟକାରୀ ହେଉଥିବା ଲୁହା ପାଇପ୍‌କୁ ଚୋରିକରି ନେଇଥିବା ଅଭିଯୋଗରେ ରାଇଛନ୍ଦା ଗ୍ରାମର ବିନୋଦ ମଲ୍ଲିକ ଓ ମଧୁସୂଦନପୁର ପଞ୍ଚାୟତ ସୋରେଇଗ୍ରାମର ପ୍ରକାଶ ସାହୁଙ୍କୁ ବାଇକ୍ ଚୋରି ଅଭିଯୋଗରେ ପୋଲିସ ଗିରଫ କରିଛି। ଜେନାପୁର ପୋଲିସ କେସ୍‌ନଂ୧୮୦/୨୫ ଓ ୧୮୧/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା। ଉଭୟଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରି ଶନିବାର ଦିନ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୫।୨୦୨୫, ଜ୍ୟୈଷ୍ଠ ଦ୮ନ, ଗୁରୁବାର**

**ସୂର୍ଯ୍ୟୋଦୟ-** ଘ୫।୯।୨୧ **ଚନ୍ଦ୍ରୋଦୟ-** ରାଘ ୧।୪୯।୧୨

**ଦଶମୀ-** ରାଘ ୧।୧୨ ପର୍ଯ୍ୟନ୍ତ । **ପୂର୍ବାଭାଦ୍ର ନକ୍ଷତ୍ର-** ସଂଘ ୫।୪୭ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଦିଘ ୧୨।୦୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । ଦିଘ ୧୨।୦୭ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୧୨।୦୭ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୧।୧୨ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୩ ଗତେ ଘ ୬।୦୫ ମଧ୍ୟେ । ଦିଘ ୯।୩୩ ଗତେ ଘ ୧୧।୧୭ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ ।


ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିଶ୍ୱର ଚତୁର୍ଥ ବଡ ଅର୍ଥନୀତି ହେବ ଭାରତ

୨୦୨୫ ଶେଷ ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହେବ । ଜାପାନକୁ ଅତିକ୍ରମ କରି ଭାରତ ଏହି ଉପଲବ୍ଧି ହାସଲ କରିବ ବୋଲି ଇମ୍ଫାର ୱାର୍ଲଡ ଇକୋନୋମିକ୍ ଆଉଟ୍‌ଲୁକ୍ ଏପ୍ରିଲ୍ ୨୦୨୫ ସଂସ୍କରଣ କୁହାଯାଇଛି । ୨୦୨୫ ପାଇଁ ଭାରତର ନୋମିନାଲ୍ ଜିଡିପି ୪,୧୮୭.୦୧୭ ବିଲିୟନ ଡଲାର ହେବ ବୋଲି ଅନୁମାନ କରାଯାଉଛି । ଯାହା ଜାପାନର ସମ୍ଭାବ୍ୟ ଜିଡିପି ୪,୧୮୬.୪୩୧ ବିଲିୟନ ଡଲାରଠାରୁ ସାମାନ୍ୟ ଅଧିକ ହେବ ବୋଲି ଆକଳନ କରାଯାଇଛି ।

୨୦୨୪ ପର୍ଯ୍ୟନ୍ତ ଭାରତ ବିଶ୍ୱର ୫ମ ବୃହତ ଅର୍ଥନୀତି ଥିଲା, କିନ୍ତୁ ଚଳିତ ବର୍ଷ ଏହା ଚତୁର୍ଥ ବୃହତ ଅର୍ଥବ୍ୟବସ୍ଥା ହେବ ବୋଲି ଆଶା କରାଯାଉଛି । ଇମ୍ଫା ପୂର୍ବାନୁମାନ ଅନୁଯାୟୀ ଆଗାମୀ ବର୍ଷଗୁଡ଼ିକରେ, ଜର୍ମାନୀକୁ ପଛରେ ପକାଇ ଭାରତ ତୃତୀୟ ବୃହତ ଅର୍ଥନୀତି ହେବାର ସମ୍ଭାବନା ମଧ୍ୟ ରହିଛି । ୨୦୨୮ ସୁଦ୍ଧା ଭାରତର ଜିଡିପି ୫,୫୮୪.୪୭୬ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି । ଯାହା ଜର୍ମାନୀର ୫,୨୫୧.୯୨୮ ବିଲିୟନ ଡଲାରକୁ ଟପିବ । ୨୦୨୭ ମସିହାରେ ଭାରତ ୫,୦୬୯.୪୭ ବିଲିୟନ ଡଲାର ଜିଡିପି ସହିତ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ।

ରିପୋର୍ଟ ଅନୁସାରେ ୨୦୨୫ରେ ବି ଆମେରିକା ଓ ଚାଇନା ବିଶ୍ୱର ପ୍ରଥମ ଦୁଇ ଅର୍ଥବ୍ୟବସ୍ଥା ହୋଇ ରହିବେ। କେବଳ ଚଳିତ ବର୍ଷ ନୁହେଁ, ବରଂ ଦଶନ୍ଧି ଶେଷ ଯାଏ ସେମାନେ ନିଜ ସ୍ଥାନ ବଜାୟ ରଖିବେ । ଆଇଏମଏଫର ୱାର୍ଲଡ ଇକୋନୋମିକ୍ ଆଉଟ୍‌ଲୁକ୍‌ରେ ଚେତାବନୀ ଦେଇଛି ଯେ ଗତ ୮୦ ବର୍ଷ ଧରି ଅଧିକାଂଶ ଦେଶ ଯେଉଁ ବିଶ୍ୱ ଅର୍ଥନୈତିକ ବ୍ୟବସ୍ଥା କାମ କରୁଛନ୍ତି, ତାହା ପୁନଃନିର୍ମାଣ ହେଉଛି । ଯାହା ବିଶ୍ୱକୁ ଏକ ନୂତନ ଯୁଗରେ ପ୍ରବେଶ କରାଉଛି । ଇମ୍ଫା ନିଜ ରିପୋର୍ଟରେ ୨୦୨୫ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନକୁ ୬.୨%ରେ ରଖିଛି । ଯାହା ଜାନୁଆରୀ ଆଉଟ୍‌ଲୁକ୍ ରିପୋର୍ଟରେ ପ୍ରକାଶିତ ୬.୫%ର ପୂର୍ବ ଆକଳନଠାରୁ ୦.୩ ପ୍ରତିଶତ କମ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ଯୋଗୁଁ ସୃଷ୍ଟି ହୋଇଥିବା ଅନିଶ୍ଚିତତା ଅଭିବୃଦ୍ଧି ଆକଳନ ହ୍ରାସର ପ୍ରମୁଖ କାରଣ।



ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ଚତୁର୍ଥ ଅଧ୍ୟାୟ

(କଳା କଳେବର କହ୍ନାଇ-ବୃନ୍ଦେ)

ଚତୁର୍ଥରେ ଜ୍ଞାନଯୋଗକୁ ହରି କହନ୍ତି ଫେଇ
ବୁଝ ସବ୍ୟସାଚୀ ଏହାକୁ ଭ୍ରମେ ନୋହିବୁ ବାଇ ।୧।

ପୂରୁବେ ସୂର୍ଯ୍ୟଙ୍କ ଆଗରେ କରିଥିଲି ପ୍ରକାଶ
ସେ ତାହାଙ୍କ ପୁତ୍ର ମନୁଙ୍କୁ ଦେଲେଟି ଉପଦେଶ ।୨।

କ୍ରମେ ରାଜଋଷି ମାନବ ମଧ୍ୟେ ବ୍ୟାପିଣ ଥିଲା
ଏବେ କାଳର ପ୍ରଭାବରେ ତାହା ଧ୍ୱଂସ ହୋଇଲା ।୩।

ପାପାଚାରୀ ଲୋକେ ଦୁର୍ବଳମନା ହୋଇଲେ ଯହୁଁ
ଅନାରେ ଏହା ଆଚାର କେହି ନ କଲେ ତହୁଁ ।୪।

ତୁ ମୋହର ପ୍ରିୟ ଭକତ ତେଣୁ କହୁଛି ଶୁଣ
ଏ ଗୁପତ ଜ୍ଞାନ-ଗତିକୁ କର ଅନୁସରଣ ।୫।

ଅର୍ଜୁନ ପୁଚ୍ଛନ୍ତି ଶ୍ରୀପତି ସ୍ମୃତି ଜାଗେ ମୋହର
ଭାସ୍କର ତୁମ୍ଭର ଆଗହୁଁ ଜନ୍ମିଥିଲେ ନିକର ।୬।

ଆପଣ କିପରି ତାହାଙ୍କୁ ଜ୍ଞାନ କହିଲେ ପୁଣି
ଏହି କଥାରେ ମୋ ସନ୍ଦେହ ହୁଏ, କହୁଛି ଜାଣି ।୭।

ଦର ଦର ହସ ପ୍ରସନ୍ନ ଚିତ୍ତେ ଶ୍ୟାମସୁନ୍ଦର
ବୋଇଲେ ହେ ସଖା, ଶ୍ରବଣେ ଶୁଣ ଯଥାର୍ଥ ଗିର ।୮।

ମୁଁ ଜାଣେ ତୋହର ମୋହର କେତେ ଜନ୍ମ ଗଲାଣି
ଜ୍ଞାନଶକ୍ତି ଲୋପ ହେବାରୁ ତୁମ୍ଭେ ପାରୁନା ଜାଣି ।୯।

(କ୍ରମଶଃ)

# ଦେଶରେ ନାଗରିକର ସୁରକ୍ଷା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ନାଗରିକମାନଙ୍କୁ ଆଭ୍ୟନ୍ତରୀଣ ସୁରକ୍ଷା ଦେବା ନିମନ୍ତେ ଦେଶର ପ୍ରତି ରାଜ୍ୟରେ ସୁରକ୍ଷା ବାହିନୀ ନିଯୁକ୍ତ ହୋଇଥାନ୍ତି। ସେମାନେ ଶାସନ ଦାୟିତ୍ୱରେ ଥିବା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ପ୍ରଣାଳୀକୁ ଅନୁସରଣ କରି ଦାୟିତ୍ୱ ଲିଭାଇଥାନ୍ତି। ମାତ୍ର ନିର୍ଦ୍ଧାରିତ ନିୟମର ସୀମାକୁ ଉଲଘଂନ କରାଗଲେ ତାହା ଅତ୍ୟାଚାରରେ ପରିଣତ ହୁଏ। ଫଳରେ ଶାସନ ବିରୁଦ୍ଧରେ ବିଦ୍ରୋହ ଦେଖାଯାଏ ଯାହାକି ଜନ ବିଦ୍ରୋହ ଭାବେ ପରିଚିତ। ତେଣୁ ଦେଶରେ ସେପରି ବିଦ୍ରୋହ ସୃଷ୍ଟି କରିବାର ପ୍ରମୁଖ ଭୂମିକା ମୁଖ୍ୟତଃ ପୋଲିସ୍ ପ୍ରଶାସନ ଦ୍ୱାରା ହୋଇଥାଏ। ଇଂରେଜ ଶାସନରେ ହୋଇଥିବା କେତୋଟି ଉଦାହରଣ ଆଲୋଚନାର ବଳୟ ମଧ୍ୟକୁ ଆସିପାରେ। ଅଳ୍ପ କେତେକ ଗୋରା ଶାସକ ଭାରତରେ ପ୍ରଶାସନ ଦାୟିତ୍ୱରେ ଥିଲେ ମଧ୍ୟ ଦେଶୀୟ ନାଗରିକମାନଙ୍କୁ ନେଇ ସେମାନଙ୍କର ଯେଉଁ ସୁରକ୍ଷା ବଳୟ ଗଢ଼ାଯାଇଥିଲା ମୁଖ୍ୟତଃ ସେହି ମାନେ ହିଁ ଶାସନ ଚଳାଉଥିଲେ। ବିଦେଶୀ ଇଂରେଜ ଶାସନ ବିରୁଦ୍ଧରେ ଯେତେ ପ୍ରକାରର ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା ତାହାକୁ ଦମନ ବା ପ୍ରତିହତ କରିବାରେ ସେମାନେ ହିଁ କଠୋର ପଦକ୍ଷେପମାନ ନେଉଥିଲେ। ସ୍ୱାଧିନତା ନିମନ୍ତେ ଲଢୁଥିବା ଦେଶପ୍ରେମୀ ମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦେଇ ସେମାନଙ୍କ ବିରୁଦ୍ଧରେ ମିଥ୍ୟା ମକଦ୍ଦମାମାନ କରାଯାଉଥିଲା ଓ ଇଂରେଜ ଶାସନର ସ୍ତୁତିକାରୀ ବିଚାରକମାନେ ସେମାନଙ୍କୁ ଦଣ୍ଡ ମଧ୍ୟ ଦେଉଥିଲେ। ଫାଶୀ, ଜେଲ୍ ଓ ସମ୍ପତ୍ତି ବାଜ୍ୟାପ୍ତି ପ୍ରଭୃତି ଦଣ୍ଡ ଏମାନଙ୍କ ଦ୍ୱାରା ଦିଆଯାଉଥିଲା। କେବଳ ଯେ ଇଂରେଜ ଶାସନବେଳେ ସେପରି ହେଉଥିଲା ତାହା ନୁହେଁ। ତାହା ପୂର୍ବରୁ ଦେଶ ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତି ବିଶେଷଙ୍କ ନିମନ୍ତେ ମଧ୍ୟ ସୁରକ୍ଷା ଗୋଷ୍ଠୀମାନେ ଏହିପରି କାର୍ଯ୍ୟମାନ କରିଆସୁଥିଲେ। ଉଦାହରଣ ସ୍ୱରୂପ କୋରାପୁଟର ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିଆଯିବା କଥା ଆଲୋଚନାକୁ ଆସିପାରେ। ସେ ଥିଲେ ଇଂରେଜ ଶାସନ ବିରୋଧୀ ଓ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ। ମାତ୍ର ତାଙ୍କୁ ନରହତ୍ୟା ମକଦ୍ଦମାରେ ଫଶାଇ ଫାଶୀ ଦିଆଗଲା। ପରେ ଜଣାପଡ଼ିଲା ଯେ ସେ ଥିଲେ ସଂପୂର୍ଣ୍ଣ ନିର୍ଦ୍ଦୋଷ। ଯେଉଁ ଚକ୍ରାନ୍ତକାରୀ ପୋଲିସ ଅଫିସରମାନେ ତାଙ୍କ ନାମରେ ମିଥ୍ୟା ମକଦ୍ଦମା କରି ଏପରି ଘୃଣ୍ୟ ଆଉ ଚରମ ପଦକ୍ଷେପ ନେଇ ପାରିଥିଲେ, ଦେଶ ସ୍ୱାଧିନ ହେବାପରେ ସେମାନେ ସେମାନଙ୍କର ଆସନ ବେଶ୍ ସୁଦୃଢ଼ କରି ପାରିଥିଲେ। ଏପରିକି ସେହି ଘଟଣାର ବିଚାରକ ରାଜ୍ୟର ମୁଖ୍ୟ ଶାସନ ସଚିବ ପାହ୍ୟାରେ ଅବସ୍ଥାପିତ ହୋଇ ଅବସର ନେଲେ। ସେହିଭଳି ଏହି ମକଦ୍ଦମାର ରାଜସାକ୍ଷୀ ବି କେନ୍ଦ୍ରମନ୍ତ୍ରୀ ହୋଇ ପାରିଥିଲେ। ଅଭିଯୋଗ ଆଣିଥିବା ପୋଲିସ ଅଫିସରମାନେ ମଧ୍ୟ ସ୍ୱସ୍ଥାନରେ ବେଶ୍ ପଦ ମର୍ଯ୍ୟାଦା ପାଇ ଅବସର ନେଇଥିଲେ। ମାତ୍ର ମିଥ୍ୟା ମକଦ୍ଦମାରେ ଦଣ୍ଡିତ ଲକ୍ଷ୍ମଣ ନାୟକ ଫାଶୀ ପାଇ ସହିଦ ହେଲେ ସତ ମାତ୍ର ସ୍ୱାଧିନତା ପରେ ତାଙ୍କ ପରିବାରବର୍ଗ କଣ ପାଇଲେ ? ବର୍ଷକରେ ଥରେ ଭୁବନେଶ୍ୱର ଆଦିବାସୀ ପଡ଼ିଆରେ ଥିବା ତାଙ୍କ ଧୂଳି ଧୂସରିତ ଆବକ୍ଷ ପ୍ରତିମୂର୍ତ୍ତିକୁ ସଫା କରି ଗୋଟାଏ ଗେଣ୍ଡୁ ଫୁଲମାଳ ପିନ୍ଧାଇ ଦେବାସହ ଦୁଇପଦ କହିଦେଲେ ଆମର କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଆମେ ସ୍ୱାଧିନୋତ୍ତର ଦେଶର ନାଗରିକମାନେ ଭାବୁଛୁ। ଏହିଭଳି ରଣପୁରର ବେଜଲ୍‌ଗେଟ୍ ହତ୍ୟା ମକଦ୍ଦମାରେ ଦୁଇଜଣ ସ୍ୱଦେଶପ୍ରେମୀ ଯୁବକ ରଘୁ ଓ ଦିବାକରଙ୍କୁ ବିହାରର ଭାଗଲପୁର ଜେଲ୍‌ରେ ଫାଶୀ ଦିଆଗଲା। ସୁନ୍ଦରଗଡ଼ର ଘେଂସ୍ ଜମିଦାରଙ୍କ ସହ ତାଙ୍କ ପୁଅମାନେ ଓ କଳାହାଣ୍ଡିର ରିଣ୍ଡୋ ମାଝି ପ୍ରଭୃତି ଅନେକ ଇଂରେଜ ବିରୋଧୀ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମିଥ୍ୟା ମକଦ୍ଦମାରେ ଜଡ଼ିତ କରାଇ ଫାଶୀ ଦିଆଯାଇଛି। ସହିଦ ଲକ୍ଷ୍ମଣ ନାୟକଙ୍କ ପରି ମଧ୍ୟ ସେମାନଙ୍କ ବିଚାର କରାଯାଇଥିଲା। ଇଂରେଜ ଶାସନର ପଦଲେହନକାରୀ ତତ୍‌କାଳୀନ ଅଫିସର ବର୍ଗ ଏପରି ସବୁ ନିନ୍ଦନୀୟ କାର୍ଯ୍ୟ କରାଇ ପାରିଥିଲେ। ଦେଶ ସ୍ୱାଧିନ ହେବା ପରେ ମିଥ୍ୟା ମକଦ୍ଦମାମାନ ସୃଷ୍ଟିକରି ଦଣ୍ଡିତ କରାଇଥିବା ସେହି ଇଂରେଜ ଭକ୍ତମାନଙ୍କର ସେହିସବୁ କାର୍ଯ୍ୟକୁ ନେଇ କାହିଁକି ବିଚାର କରାଗଲା ନାହିଁ? ମୋ ମନରେ ଏପରି ପ୍ରଶ୍ନ ବହୁବାର ଉଠିଛି ଓ ଏଥିନିମନ୍ତେ ସ୍ୱାଧିନତା ପରବର୍ତ୍ତୀ କାଳର ଶାସନରେ ଥିବା ସେତେବେଳର ବହୁ ଜନନେତାମାନଙ୍କୁ ପଚାରି କୌଣସି ସନ୍ତୋଷ ଜନକ ଉତ୍ତର ପାଇନାହିଁ। ଏବେ ବି ସେହି ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଛି ଓ ଭାବୁଛି ଏହା କିଭଳି ପ୍ରକାରର ନ୍ୟାୟ।

ଚମ୍ବଲ ଉପତ୍ୟକାର ଦସ୍ୟୁମାନଙ୍କ ଜୀବନ କାହାଣୀ ଦେଶରେ ପ୍ରାୟ ବହୁ ଲୋକେ ଜାଣନ୍ତି। ଚମ୍ବଲର ଦସ୍ୟୁଟିଏ ହେବାର ମୂଳ କାରଣ ଥିଲା ଧନିକ ବର୍ଗର ଗରିବମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାର ଓ ପୋଲିସର ଧନିକ ମାନଙ୍କୁ ସମର୍ଥନ। ଶେଷରେ ଅତ୍ୟାଚାରିତଟି କୌଣସି ଉପାୟ ନପାଇ ଚମ୍ବଲର ଦସ୍ୟୁ ସର୍ଦ୍ଦାର ମାନଙ୍କ ଆଶ୍ରୟ ନେଇଥାଏ ଓ ତାହାପରେ ପରିଣତି ହୋଇଉଠେ ଅତି ଭୟଙ୍କର। ଅତ୍ୟାଚାର କରୁଥିବା ଧନିକ ବର୍ଗ ସହ ସଂପୃକ୍ତ ପୋଲିସ ଅଧିକାରୀମାନଙ୍କ ଜୀବନ ସଂକଟମୟ ହୋଇଯାଏ। ଏପରି ପରିସ୍ଥିତି ସୃଷ୍ଟି କରୁଥିବା ପୋଲିସ ଅଧିକାରୀ ପ୍ରଥମରୁ ଭାବି ନେଇଥାଏ ଯେ ସେ ଯେହେତୁ ସରକାରୀ ସୁରକ୍ଷା ବଳୟରେ ରହିଛି ଓ ଅଧିକାର ବି ପାଇଛି ତାର କୌଣସି କ୍ଷତି କେହି କରିପାରିବେ ନାହିଁ। ଏପରି ଅଧିକାରୀମାନଙ୍କ କାର୍ଯ୍ୟକଳାପ ପୋଲିସ ବିଭାଗ ଓ ସରକାରଙ୍କ ଶାସନପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ। କେବଳ ଚମ୍ବଲ ଉପତ୍ୟକା ନୁହେଁ, ଦେଶର ବହୁ ସ୍ଥାନରେ କେତେକ ପୋଲିସ ଅଧିକାରୀ ମାନଙ୍କ ଦ୍ୱାରା ଏପରି କାର୍ଯ୍ୟମାନ ସୃଷ୍ଟି ହେଉଛି। ଯେହେତୁ ସେମାନେ ସରକାରଙ୍କ ସୁରକ୍ଷା ବଳୟ ମଧ୍ୟରେ ରହିଛନ୍ତି ସେମାନଙ୍କ ପ୍ରତି ସରକାର ସର୍ବଦା ନରମଭାବ ଦେଖାଇଥାନ୍ତି।

ଦେଶରେ ନକ୍ସଲ ଓ ମାଓବାଦୀମାନେ ବହୁ ଲୋମହର୍ଷଣକାରୀ କାଣ୍ଡମାନ କରି ଚାଲିଛନ୍ତି। ମୁଖ୍ୟତଃ ପୋଲିସ ବିଭାଗର କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ଲକ୍ଷ ରଖି ଆକ୍ରମଣ କରାଯାଉଛି। କେଉଁଠି ପୋଲିସ ଥାନା ଓ ଫାଣ୍ଡିକୁ ଉଡ଼ାଇ ଦେଲେଣିତ କେଉଁଠାରେ ସେମାନଙ୍କୁ ଧରି ଆସୁଥିବା ଗାଡ଼ି ଗୁଡ଼ିକୁ ଧ୍ୱଂସ କରି ବହୁ ଧନଜୀବନ କ୍ଷତି କରୁଛନ୍ତି। ସେମାନଙ୍କର ସଫେଇ ଦେବା କଥା ଯେ ସାଧାରଣ ନାଗରିକ ମାନଙ୍କୁ ମାଓବାଦୀ କହି ପୋଲିସ ସେମାନଙ୍କ ପ୍ରତି ଅତ୍ୟାଚାର କରୁଛନ୍ତି ଇତ୍ୟାଦି। ଅବଶ୍ୟ କେଉଁଠି ଗୋଟିଏ ଦୁଇଟି ଏହା ହୋଇ ପାରିଥାଏ। ମାତ୍ର ଆଦିବାସୀ ଲୋକମାନଙ୍କ ସମର୍ଥନ ପାଇବା ନିମନ୍ତେ ଏହା ମଧ୍ୟ ସେମାନଙ୍କର ଏକ ଚାଲ୍ ହୋଇପାରେ। ଯଦି ସେମାନଙ୍କ କଥା ଠିକ୍ ହୋଇଥାଏ ପୋଲିସ ବିଭାଗର ଉଚ୍ଚ ଅଫିସରମାନେ ସେହି ସବୁକୁ ବିଚାରକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସହାନୁଭୂତି ସହ ଜନସମର୍ଥନ ନିଶ୍ଚିତ ମିଳିପାରନ୍ତା। ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ଅନୁଯାୟୀ ବର୍ତ୍ତମାନ ମାଓବାଦୀ ଓ ନକ୍ସଲ ମାନଙ୍କ କାର୍ଯ୍ୟକଳାପ ରାଜ୍ୟର ପ୍ରାୟ ୨୦ଟି ଜିଲ୍ଲାକୁ ବିସ୍ତାରିତ ହୋଇଛି ଓ ସେମାନେ କ୍ରମଶଃ ସେମାନଙ୍କର ଆସ୍ଥାନ ସୁଦୃଢ଼ କରିଚାଲିଛନ୍ତି।

ବର୍ତ୍ତମାନ ପୋଲିସ ହାତରେ ଅତ୍ୟାଧୁନିକ ଅସ୍ତ୍ର ନାହିଁ। ମାତ୍ର ଅପର ପକ୍ଷରେ ମାଓବାଦୀ ଓ ନକ୍ସଲମାନେ ଏଥିରେ ସୁସଜ୍ଜିତ। ଏହା ସବୁ କେଉଁଠାରୁ ଆସୁଛି ତାହାର ଠିକଣା ମଧ୍ୟ ପୋଲିସ ପାଖରେ ନାହିଁ। ବର୍ତ୍ତମାନ ପୋଲିସମାନଙ୍କ ଅସ୍ତ୍ର ଓ ସେମାନଙ୍କର ସମରସଜ୍ଜା କଥା ତୁଳନା କଲେ ମନରେ ନୈରାଶ୍ୟ ଭାବ ସୃଷ୍ଟି ହୁଏ। ବିଧାନ ସୌଧର ବାଲିବସ୍ତା ଉହାଡ଼ରେ ପୁରୁଣା ବନ୍ଧୁକ ଧରି ଜଗି ରହିଥିବା ପୋଲିସ କର୍ମଚାରୀଟିକୁ ଦେଖି ସେମାନଙ୍କର ଅସହାୟତା କଥା ଚିନ୍ତାକଲେ ମନରେ ଦୟାଭାବ ଆସିଥାଏ। ତେଣୁ ଉପଯୁକ୍ତ ପ୍ରଶିକ୍ଷଣ ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ପୋଲିସ ବାହିନୀକୁ ଗଢ଼ିବା ସରକାରଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ।

ଏବେ ବହୁ ରାଜନେତା ଆତଙ୍କବାଦୀ, ନକ୍ସଲ ଓ ମାଓବାଦୀମାନଙ୍କ ଆକ୍ରମଣରୁ ବର୍ତ୍ତିବା ପାଇଁ ପୋଲିସର ସୁରକ୍ଷା ବଳୟ ମଧ୍ୟରେ ରହୁଛନ୍ତି। ଯେଉଁମାନେ ରାଜନୀତିରେ ରହି ଅଜସ୍ର ଅର୍ଥ ରୋଜଗାର କରି ସମାଜରେ ପ୍ରଭାବ ବିସ୍ତାର କରିବା ସହ ବିତ୍ତଶାଳୀ ହୋଇପାରିଛନ୍ତି ସେମାନେ ପୋଲିସ ଉପରେ ନିର୍ଭର ନକରି ନିଜର ସୁରକ୍ଷା ବଳୟ ନିଜେ ସୃଷ୍ଟି କରନ୍ତୁ। ନଚେତ୍ ରାଜନୀତି ଛାଡ଼ି ଦେବା ସେମାନଙ୍କ ପକ୍ଷରେ ଉଚିତ୍ ହେବ। ରାଜନୀତିରେ ପଦବୀଯୁକ୍ତ ହୋଇ ବିପୁଳ ସଂପତ୍ତିର ଅଧିକାରୀ ହେବା ପରେ ସରକାରୀ ଅର୍ଥରେ ସେମାନଙ୍କର ସୁରକ୍ଷା ବଳୟ ରହିବା ଆଦୌ ଉଚିତ ନୁହେଁ? ସେମାନେ ଶାସନ ବା ରାଜନୀତିରୁ ଓହରି ଗଲେ ଦେଶ ରସାତଳକୁ ଚାଲିଯିବ ନାହିଁ।

ଅତି ଛୋଟ ଘଟଣାରେ ଅଭିଯୋଗକାରୀର ପକ୍ଷ ନେଇ ବହୁ ପୋଲିସ ଅଧିକାରୀ ନିଜର ତତ୍ପରତା ଦେଖାଇ ଅଭିଯୁକ୍ତକୁ ବହୁ ଦଫା ଲଗାଇ ମକଦ୍ଦମାମାନ ଦେଇଥାନ୍ତି। ଯାହାଫଳରେ ଅଭିଯୁକ୍ତଟି ଅସୁବିଧାରେ ପଡ଼ିଥାଏ। ଯଦି ଜେଲ୍ ମଧ୍ୟରେ ଆବଦ୍ଧ ରହିଗଲା ତେବେ ସେଠାରେ ବହୁ ଦୁର୍ଦ୍ଧର୍ଷ ଅପରାଧି ମାନଙ୍କ ସହ ହାତମିଳାଇ ଆକ୍ରୋଶ ପରାୟଣ ହେବା ସହ ଅପରାଧ ପ୍ରବଣତା ତାହା ମନରେ ନିଶ୍ଚିତ ଜାଗରିତ ହୋଇଥାଏ। ଏପରି ଛୋଟ ଅପରାଧକୁ ନେଇ ସମୟକ୍ରମେ ସେ ମଧ୍ୟ ବଡ଼ ଅପରାଧ କରିବସେ। ଏହି ସବୁକୁ ଏଡ଼ାଇବାକୁ ହେଲେ ମୂଳରୁ ସେହିସବୁ ଛୋଟ ଘଟଣା ଗୁଡ଼ିକ ସ୍ଥାନୀୟ ପ□ାୟତ ଦ୍ୱାରା ସମାଧାନ କରିଦେବା ଶ୍ରେୟସ୍କର। ଏଥିପାଇଁ ପ୍ରତ୍ୟେକ ସ୍ତରରୁ ଉଦ୍ୟମ ହେବାର ଆବଶ୍ୟକତା ରହିଛି। ଲୋକମାନଙ୍କର ପୋଲିସ ପ୍ରତି ବିଶ୍ୱାସ କ୍ରମଶଃ ତୁଟି ଯାଉଛି। ଯଦି କନେଷ୍ଟବଳ ଚାକିରୀରେ ନିଯୁକ୍ତି ନିମନ୍ତେ ଅର୍ଥ ଆଦାୟ କରାଯାଏ ତେବେ ଓଡ଼ିଶାର ପୋଲିସ ପ୍ରଶାସନକୁ ସେହି ତଥାକଥିତ ଉଚ୍ଚ ପଦାଧିକାରୀମାନେ ସମାଜରେ କିଭଳି ନିନ୍ଦିତ କରାଇଛନ୍ତି ତାହା ସେମାନଙ୍କର ଭାବିବାର କଥା। ମାତ୍ର ବିଡ଼ମ୍ବନାର କଥା ଯେ ସେମାନେ ସମାଜରେ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ନିଜକୁ ପରିଚିତ କରାଇଥାନ୍ତି।

ପୋଲିସ ବିଭାଗରେ ସରକାରୀ ସ୍ୱୀକୃତରେ କୌଣସି ସଂଘ ସୃଷ୍ଟି ହେବା ବିଧେୟ ନୁହେଁ। ଯଦି ସଂଘ ସେମାନଙ୍କ ଚାକିରୀରେ ସୁବିଧା ନିମନ୍ତେ ଅନ୍ୟ ସଂଘଭଳି ଧର୍ମଘଟ ପ୍ରଭୃତି କରନ୍ତି ତେବେ ରାଜ୍ୟର ଶାସନ ରହିବ ତ ? ଦେଶର ସଂପୂର୍ଣ୍ଣ ସୁରକ୍ଷା ଦାୟିତ୍ୱରେ ଥିବା ସୈନ୍ୟବାହିନୀରେ ଏପରି ନଜିର ନାହିଁ। ପ୍ରଥମେ ଏସବୁକୁ ବିଚାରକୁ ନେଇ ସରକାର ପୋଲିସ ବିଭାଗରେ ସଂଘ ଗଢ଼ିବା ପାଇଁ ଅନୁମତି ଦେବାର ଆବଶ୍ୟକତା ଥିଲା।

ନାଗରିକ ମାନଙ୍କର ସୁରକ୍ଷା ସହ ସେମାନଙ୍କ ହିତକୁ ଆଖି ଆଗରେ ରଖି କାର୍ଯ୍ୟ କରାଯିବା ବିଧେୟ। ଯେଉଁମାନଙ୍କ ଉପରେ ଏପରି ଦାୟିତ୍ୱମାନ ନ୍ୟସ୍ତ ହୋଇଛି ସେମାନଙ୍କର ସେଥିପ୍ରତି ଆଦୌ ଆଗ୍ରହ ନଥାଏ। ବଡ଼ ଅଙ୍କର ଦରମା ପାଇ ରାଜ୍ୟ ସଚିବାଳୟରେ ବସି ଥିବା ଏହି ଅଫିସରମାନେ କେବଳ ନିର୍ଦ୍ଦେଶ ଦେବା ସେମାନଙ୍କର ଧର୍ମ ବୋଲି ଧରିନେଇଥାନ୍ତି। ମାତ୍ର ସେ ସବୁର କାର୍ଯ୍ୟକାରୀ ତଳ ସ୍ତରରେ ହେଉଛି କି ନାହିଁ ତାହାର ସମୀକ୍ଷା ଆଦୌ କରନ୍ତି ନାହିଁ। ଏହି ଶ୍ରେଣୀଭୁକ୍ତ ଅଧିକାରୀମାନେ ରାଜ୍ୟର ପ୍ରଗତି ପ୍ରତି ଆଦୌ ସଚେତନ ନୁହଁନ୍ତି। ଜନ ପ୍ରତିନିଧି ସରକାର ନାଗରିକମାନଙ୍କ ମଙ୍ଗଳ ନିମନ୍ତେ ଯେଉଁସବୁ ପ୍ରତିଶ୍ରୁତି ଦେଇ ଯୋଜନାମାନ ପ୍ରଣୟନ କରିଥାନ୍ତି ଏହି ଗୋଷ୍ଠୀ ସେ ସବୁକୁ ନକରାଇ ଦେବା ପାଇଁ ଚକ୍ରାନ୍ତ କରିଥାନ୍ତି। ଦେଖିବାକୁ ଗଲେ ତାହାର କାରଣ କିଛି ନଥାଏ। ଆଇନର ପ୍ରତ୍ୟେକ ଅକ୍ଷରକୁ ତର୍ଜମା କରି କାର୍ଯ୍ୟ ନକରାଇ ଦେବାର ବାଟ ବାହାର କରିବାରେ ଏମାନେ ବେଶ୍ ଓସ୍ତାଦ୍। ପୋଲିସ ବାହିନୀ ଯେପରି ନାଗରିକମାନଙ୍କ ସୁରକ୍ଷା ନିମନ୍ତେ ଅଙ୍ଗୀକାରବଦ୍ଧ। ଏହି ପରାଙ୍ଗପୁଷ୍ଟ ଧଳାହାତୀ ମାନଙ୍କ ଠାରୁ ସେପରି ଆଶା ଆଦୌ କରିହୁଏ ନାହିଁ। ଏହିଭଳି ଧଳାହାତୀ ମାନଙ୍କୁ ଚିହ୍ନଟ କରି ଯଥାଶୀଘ୍ର ଦାୟିତ୍ୱମୁକ୍ତ କରିଦେବାଟା ରାଜ୍ୟ ପକ୍ଷରେ ସର୍ବଦା ମଙ୍ଗଳକର।

ନାଗରିକମାନଙ୍କ ସୁରକ୍ଷା ତଥା ସେମାନଙ୍କର ମଙ୍ଗଳ କାର୍ଯ୍ୟର ସମସ୍ତ ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ। ତେଣୁ ସେମାନଙ୍କୁ ସୁଶାସନ ଦେଲେ ସରକାରଙ୍କ ଶାସନର ହୁଏ ସଫଳତା। ଆଉ ସୁଶାସନ ନପାଇଲେ ଦେଶରେ ଅରାଜକତା ସୃଷ୍ଟି ହୁଏ। ଯାହା କି ଶେଷରେ ଜନବିଦ୍ରୋହରେ ପରିଣତ ହୋଇ ଗଣତନ୍ତ୍ର ଶାସନ ଲୋପ କରିଦେଇଥାଏ।

# ଯାଯାବରର ଡାଏରୀ-୭୧

## (ଆମେରିକାରେ ହିନ୍ଦୁଧର୍ମର ପଦଧ୍ୱନୀ)



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ
ଆପାର୍ଟମେଣ୍ଟ, ନାଗେଶ୍ୱର
ଟାଙ୍ଗୀ, ଭୁବନେଶ୍ୱର
ମୋ-୯୪୩୯୭୧୯୮୫୭

ଚଉତିରିଶି କୋଟି ଜନସଂଖ୍ୟା ବିଶିଷ୍ଟ ଯୁକ୍ତରାଷ୍ଟ୍ର ଆମେରିକା ମହାଦେଶ, ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ବିଶ୍ୱରେ ପରିଚିତ। ଜର୍ଜ ୱାସିଂଟନ, ଆବ୍ରାହମ ଲିଙ୍କନ, କ୍ଲିଣ୍ଟନ୍ ଓ ଓବାମାଙ୍କ ପରି ମହାନ୍ ଦେଶପ୍ରେମୀ ନେତା ମାନଙ୍କ ନେତୃତ୍ୱରେ ଗଢି ଉଠିଥିବା ଏହି ଦେଶର ପଚାଶଟି ରାଜ୍ୟରେ ପଚାଶଟି ସମ୍ବିଧାନ। ପ୍ରତ୍ୟେକ ରାଜ୍ୟରେ ପ୍ରଚଳିତ ସମ୍ବିଧାନ, ସଂପୃକ୍ତ ରାଜ୍ୟର ସଂସ୍କୃତି ଓ ପରମ୍ପରା ନେଇ ପ୍ରତିଷ୍ଠିତ। ବିଭିନ୍ନତା ମଧ୍ୟରେ ଏକତା ହେଉଛି ଏହି ଦେଶର ମୂଳମନ୍ତ୍ର। ଜାତି, ଧର୍ମ ନିର୍ବିଶେଷରେ, ସମସ୍ତେ ଏକ, ଅଭିନ୍ନ। ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ ଦେଶର ସମୃଦ୍ଧି। ଦେଶ ଯେତେବେଳେ କୌଣସି ସମସ୍ୟାର ସମ୍ମୁଖୀନ ହୁଏ, ନିର୍ବିକାର ଚିତ୍ତରେ ଦେଶବାସୀ ଏକାଠି ହୋଇ, ନିଜର ହାତ ବଢାଇ ଦେଇଥାଆନ୍ତି, ସରକାରଙ୍କ ହାତମୁଠାକୁ ଟାଣ କରିବା ପାଇଁ।

ପିଲାଦିନେ ବୋଉ ଜହ୍ନମାମୁଁକୁ ଦେଖାଇ କହୁଥିଲା, ଆକାଶଟା ହେଉଛି ସ୍ୱର୍ଗ। ସେଠାରେ ସୂର୍ଯ୍ୟ, ଚନ୍ଦ୍ର ଆଦି ତେତିଶିକୋଟି ଦେବତା ରହନ୍ତି। ସୂର୍ଯ୍ୟ, ଚନ୍ଦ୍ର ଆମକୁ ଆଲୋକ ଦେବାବେଳେ, ଇନ୍ଦ୍ର ଆମକୁ ଦିଅନ୍ତି ଜଳ। ପବନ ଦେବତା ଆମକୁ ପବନ ଦେଇ ଆମର ଜୀବନ ରକ୍ଷା କରି ଥାଆନ୍ତି। ସେମାନେ ରାଗିଲେ ଆମର ବହୁତ କ୍ଷତି ହୁଏ। ପାଣି, ପବନ, ଆଲୁଅ ହେଉଛି ଆମର ଜୀବନ। ଦେବତାମାନେ ସ୍ୱର୍ଗରେ ବାସ କରିବା ବେଳେ, ଆମର ପରି ମଣିଷମାନେ ବାସ କରନ୍ତି ମର୍ତ୍ତ୍ୟରେ। ପାତାଳର କଥା କ'ଣ କହିବି ?

ସମୁଦ୍ରର ଅତଳ ଗହ୍ୱରରେ ପାତାଳ ଅଛି। ସେଠାରେ ବିରାଟ କାୟ ଅସୁରମାନେ ରହିବା ବେଳେ, ସପ୍ତଫେଣି ନାଗ ଅଛି, ଯିଏ ଏହି ପୃଥିବୀଟାକୁ ଟେକି ଧରିଛି। ସେତେବେଳେ ବୋଉର ଏ ସବୁ ଗପ, ଆଇ, ମାଆଙ୍କ କାହାଣୀ ପରି ମନେ ହେଉଥିଲା। ସେମାନେ ସିନା ପାଠ ପଢି ନଥିଲେ, ହେଲେ ପୁରାଣ ପଣ୍ଡା ମୁହଁରୁ, ପୁରାଣ, ଭାଗବତ ଶୁଣି, ଯାହା ଆମ ଆଗରେ କହୁଥିଲେ, ସେଥିରେ କେତେ ସତ୍ୟତା ଥିଲା, ତାହା ମୋର ପ୍ରଥମ ଗସ୍ତବେଳେ, ଆମେରିକା ମାଟିରେ ପାଦ ଦେଉ ଦେଉ ଅନୁଭବ କରିଥିଲି।

ନ୍ୟୁୟର୍କରୁ, ନ୍ୟୁଜର୍ସି ଦେଇ, ମୁଁ ଯେତେବେଳେ ଫିଲାଡେଲଫିଆ ବିମାନ ବନ୍ଦରରେ ଅପେକ୍ଷା କରିଥିଲି ଟାମ୍ପା (ଫ୍ଲୋରିଡାର ରାଜଧାନୀ) ଯିବାପାଇଁ, ସେତେବେଳେ ଦେଖିଲି ଅନେକ ବିଶାଳକାୟ କଳା ମଚ ମଚ ଆଠଫୁଟିଆ ନିଗ୍ରୋ ଯୁବକ ଓ ଯୁବତୀ ମାନଙ୍କୁ। ସେମାନଙ୍କୁ ଦେଖି ମୋର ମନେ ହେଉଥିଲା ସତେ ଯେମିତି ଜଙ୍ଗଲର କିଛି ହାତୀ ପଲ ମୋ ଆଡକୁ ମାଡି ଆସୁଛନ୍ତି। ବୋଉର କଥା ମନେ ପକାଇ, ମୁଁ ଭାବୁଥିଲି, ସ୍ୱର୍ଗର ଦେବତାମାନେ ତ ଗୋରା, ଏଠାକୁ କଳା ମଣିଷମାନେ ଆସିଲେ କୁଆଡୁ ? ତାହାହେଲେ ମୁଁ କ'ଣ ବାଟ ଭୁଲି ସ୍ୱର୍ଗ ବଦଳରେ ପାତାଳରେ ଆସି ପହଞ୍ଚିଛି ? ଏମାନେ କଣ ସେଇ ପୁରାଣ ବର୍ଣ୍ଣିତ ଅସୁର ଶ୍ରେଣୀର ମଣିଷ ? ସେମାନେ ଯେତେବେଳେ ନିକଟସ୍ଥ ହେଲେ, ମୋର ଖୁବ୍ ଆଗ୍ରହ ହେଲା, ସେମାନଙ୍କ ସହିତ ସଂପର୍କ ରକ୍ଷାକରି ଫଟୋ ଉଠାଇବା ପାଇଁ। ସେତେବେଳେ ମୁଁ ଏକଲା, ଘରଣୀ ଗୀତା ଓ ସୁଜିତ୍ ନିକଟସ୍ଥ ଦୋକାନକୁ ଯାଇଥାଆନ୍ତି କିଛି କିଣିବା ପାଇଁ। ମୁଁ ପକେଟରୁ ମୋବାଇଲ ବାହାର କରି, ସେମାନଙ୍କ ଫଟୋ ଉଠାଇବାକୁ ଗଲାବେଳେ, ଦୂରରୁ ସୁଜିତ୍ ଦେଖି, ମୋ ପାଖକୁ ଆସି ସତର୍କ କରାଇ ଦେଲା, ଏଠାରେ ବିନା ଅନୁମତିରେ କାହାର ଫଟୋ ଉଠାଇବା ଅପରାଧ, ଏଠିକାର ସ୍ଥାୟୀ ଅଧିବାସୀମାନେ ସଂପୂର୍ଣ୍ଣ ସ୍ୱାଧୀନ। ସମସ୍ତଙ୍କ ପାଖରେ ପିସ୍ତଲ ଥାଏ ନିଜର ସୁରକ୍ଷା ପାଇଁ। ସେମାନେ ନିଜକୁ ଅପମାନିତ ଅନୁଭବ କଲେ, ଅନ୍ୟକୁ ଗୁଳି କରିବା ସକାଶେ ପଛାନ୍ତି ନାହିଁ। ତୁମେ ଅନ୍ୟର ଫଟୋ ନେବାକୁ ଚାହିଁଲେ, ସେମାନଙ୍କ ଅନୁମତି ନେବା ଆବଶ୍ୟକ।

ଆଶ୍ଚର୍ଯ୍ୟ ହେଲି ସୁଜିତ୍‌ର କଥା ଶୁଣି। ଏମାନେ ଏତେଦୂର ସ୍ୱାଧୀନ ? ନିଜର ସମ୍ମାନ ରକ୍ଷା ନିମନ୍ତେ ବିନା ଦ୍ୱିଧାରେ ଅନ୍ୟକୁ ଗୁଳି କରନ୍ତି ? ଆତ୍ମରକ୍ଷା ନିମନ୍ତେ "ପିସ୍ତଲ ରଖିବାର ସ୍ୱାଧୀନତା ରୂପକ ଆଇନ ପ୍ରବର୍ତ୍ତନ" କାହିଁକି କେଜାଣି, ମୋର ମନକୁ ସ୍ପର୍ଶ କଲାନାହିଁ। ଗୋଟିଏ ଓଡ଼ିଶାରେ ପ୍ରଚଳିତ ଢଗ ମନେ ପଡିଗଲା, "ଯେ ଦେଶ ଯାଇ, ସେ ଫଳଖାଇ"। ଆମେରିକା ଯେତେବେଳେ ବୁଲିବାକୁ ଆସିଛି, ଏଠାର ଆଇନ କାନୁନ୍ ମାନିବାକୁ ପଡିବ। ତାହା ବି ହେଉଛି ଆମର କର୍ତ୍ତବ୍ୟ। ସୁଜିତ୍‌କୁ କହିଲି, ଆଉ ଯାହା ଆଇନ୍ ଏଠାରେ ପ୍ରଚଳିତ, ମୋତେ ଆଗରୁ ଜଣାଇବୁ। ସୁଜିତ୍ ହସି ହସି କହିଲା, ଆଉ ସେମିତି କିଛି ନାହିଁ। ତୁମେ କର। ଆବଶ୍ୟକ ସ୍ଥଳେ ମୁଁ ଯାହା କହିବାର କଥା କହିବି।

ସୁଜିତ୍ ସୈନିକ ସ୍କୁଲର ଛାତ୍ର। ପ୍ରତ୍ୟେକ କ୍ଷେତ୍ରରେ ସେ ଶୃଙ୍ଖଳାକୁ ବିଶେଷ ଗୁରୁତ୍ୱ ଦିଏ। ମନେ ମନେ ଚିନ୍ତାକଲି ଭଗବାନ ମଣିଷକୁ ଦୁଇଟି ଆଖି ଦେଇଛନ୍ତି। ଡାହାଣ ଆଖିରେ ଭଲ ଓ ବାମ ଆଖିରେ ଖରାପ ଜିନିଷ ଦେଖିବା ପାଇଁ। ମୁଁ ତ ଆମେରିକା ଆସିଛି କିଛି ଭଲ ଜିନିଷ ଦେଖିବା ପାଇଁ, ବାମ ଆଖିଟା ବନ୍ଦ କରିଦେଲେ କ୍ଷତି କଣ ?



ଆମେରିକା ହେଉଛି ବିଶ୍ୱ ସଂସ୍କୃତିର ମିଳନ କେନ୍ଦ୍ର। ଜାତି ଧର୍ମ ନିର୍ବିଶେଷରେ ଏଠାରେ ସବୁ ଧର୍ମ ଓ ସଂପ୍ରଦାୟର ମଣିଷମାନେ ବସବାସ କରନ୍ତି। ଅଧୁନା ଆମେରିକାର ସମୁଦାୟ ୩୪ କୋଟି ଜନ ସଂଖ୍ୟା ମଧ୍ୟରୁ ହିନ୍ଦୁ ଧର୍ମାବଲମ୍ବୀଙ୍କ ସଂଖ୍ୟା ୫୪ ଲକ୍ଷ ଥିବା ବେଳେ, ଅନ୍ୟାନ୍ୟ ଧର୍ମାବଲମ୍ବୀଙ୍କ ସଂଖ୍ୟା ୬୦ ଲକ୍ଷ। (ଯେଉଁମାନେ ଇଣ୍ଡିଆନ ଆମରିକାନ୍ ଭାବେ ପରିଚିତ)।

ଏମାନଙ୍କ ନାମକରଣ ପଛରେ ଗୋଟିଏ ରୋଚକ କାହାଣୀ ରହିଛି। ୧୪୯୨ ମସିହାରେ କଲମ୍ବସ୍ ଯେତେବେଳେ ବିଶାଳ ସମୁଦ୍ର ବକ୍ଷରେ ପୋତ ଚାଳନା କରି ଭାରତ ବର୍ଷ ସନ୍ଧାନରେ ଯାଉଥିଲେ, ଜଳପଥରେ ରାସ୍ତା ଭୁଲିଯାଇ ସେ ଅକ୍ଟୋବର ୧୨ ତାରିଖ ଦିନ ଆମେରିକାର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ କାରିବିଆନ ଦ୍ୱୀପରେ ପହଞ୍ଚି ଭେଟିଥିଲେ ଦୁଇଲକ୍ଷରୁ ଅଧିକ ସ୍ଥାନୀୟ ଅଧିବାସୀଙ୍କୁ। ସେମାନଙ୍କ ବେଶ, ପୋଷାକ ଓ ଜୀବନ ଶୈଳୀକୁ ଦେଖିବା ପରେ, କଲମ୍ବସ ଭାବିଲେ ସତେ ଯେମିତି ସେ ଭାରତ ବର୍ଷରେ ପହଞ୍ଚିଯାଇଛନ୍ତି। ଲୋକଙ୍କ ଜୀବନ ଶୈଳୀରେ ଭାରତୀୟ ସଭ୍ୟତାର ପ୍ରତିଫଳନ ଦେଖି କଲମ୍ବସ୍ ସେମାନଙ୍କୁ ସମ୍ବୋଧନ କରିଥିଲେ "ଇଣ୍ଡିଆନା", ଯାହା ପରବର୍ତ୍ତୀ କାଳରେ "ଆମେରିକାନ୍ ଇଣ୍ଡିଆନ" ଭାବେ ରୂପ ନେଇଥିଲା। ଉଲ୍ଲେଖଯୋଗ୍ୟ ଏହିକି, ବର୍ତ୍ତମାନ ଆମେରିକା ସରକାର କଲମ୍ବସ୍‌ଙ୍କ ଆଗମନ ଦିବସ ଅକ୍ଟୋବର ୧୨ ତାରିଖକୁ ଜାତୀୟ ଉତ୍ସବ ଭାବେ ପାଳନ କରି ଆସୁଛନ୍ତି।

ମୋର ପ୍ରଥମ ବିଦେଶ ଯାତ୍ରାର କ୍ଷେତ୍ର ଅଧ୍ୟୟନ ଆଟଲାଣ୍ଟିକ୍ ମହାସାଗର ଉପକୂଳସ୍ଥ ଆମେରିକାର ପୂର୍ବ ତଟବର୍ତ୍ତୀ ପ୍ରସିଦ୍ଧ ରାଜ୍ୟ ନ୍ୟୁୟର୍କ, ନ୍ୟୁଜର୍ସି, ଫିଲାଡେଲଫିଆ, ଆଟଲାଣ୍ଟା, ଦକ୍ଷିଣ କାରୋଲିନା, ନର୍ଥକାରୋଲିନା ଓ ଫ୍ଲୋରିଡା ରାଜ୍ୟ ମଧ୍ୟରେ ସୀମାବଦ୍ଧ ଥିଲା। ଦେଶ ଗଠନ ଓ ଦେଶ ନିର୍ମାଣ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଏହି ଅଞ୍ଚଳ ଗୁଡିକ ଆମେରିକାର ହୃଦପିଣ୍ଡ ସଦୃଶ୍ୟ। ପୁଅ, ବୋହୂ, ଘରଣୀ ଓ ଛୋଟ ଛୋଟ ନାତୁଣୀ ଦୁଇଜଣଙ୍କୁ ନେଇ ଏହି ଅଞ୍ଚଳରେ ପ୍ରତିଷ୍ଠିତ ନାଶା, ହଲିଉଡ ଷ୍ଟୁଡିଓ, ଡିଜନୀ ଆର୍ଟ ସେଣ୍ଟର ଓ ଟାମ୍ପା ସମୁଦ୍ର ବେଳାରେ ବୁଲିବାର ସ୍ମୃତି ଅତ୍ୟନ୍ତ ସ୍ମରଣୀୟ।

ସେହିପରି ମୋର ଦ୍ୱିତୀୟ ଆମେରିକା ଗସ୍ତ ଯଦିଓ ସ୍ୱଳ୍ପ ସଂଖ୍ୟକ ଅଞ୍ଚଳ ମଧ୍ୟରେ ସୀମାବଦ୍ଧଥିଲା, ସେ ସବୁ ଚିର ସ୍ମରଣୀୟ ହୋଇ ରହିଛି ମୋର ମନ ଓ ହୃଦୟରେ। ନର୍ଥକାରୋଲିନା ଆମେରିକାର ଏକ ପ୍ରାଚୀନ ସଂସ୍କୃତି ସଂପର୍ଣ୍ଣ ରାଜ୍ୟ। ପ୍ରଥମ ଗସ୍ତର ଶେଷଭାଗ୍ୟରେ ସୁଜିତ୍ ଆସି ପହଞ୍ଚିଥିଲା ନର୍ଥକାରୋଲିନାରେ। ବଣ, ଜଙ୍ଗଲ ନଦ, ନଦୀ, ସୁଉଚ୍ଚ ପର୍ବତ ଶ୍ରେଣୀରେ ପରିପୂର୍ଣ୍ଣ ଏହି ରାଜ୍ୟ, ଶିକ୍ଷା, ସଂସ୍କୃତି ଓ ଗବେଷଣା କ୍ଷେତ୍ରରେ ଏକ ଶ୍ରେଷ୍ଠ ଅଞ୍ଚଳ ରୂପେ ବିଶ୍ୱରେ ପ୍ରତିଷ୍ଠିତ। ଏହି ଅଞ୍ଚଳର ବିଶେଷ ପରିଚୟ ହେଲା, ଲକ୍ଷାଧିକ ବର୍ଷ ତଳେ, ଏହି ଅଞ୍ଚଳ ସମୁଦ୍ର ଗର୍ଭରେ ଥିଲା। ବିବର୍ତ୍ତନବାଦ ମଧ୍ୟରେ ମଣିଷ ସଭ୍ୟତାର କ୍ରମ ବିକାଶ ହୋଇଥିଲା ଏହି ଅଞ୍ଚଳରେ। ଅଦ୍ୟାବଧି ଏହି ଅଞ୍ଚଳରେ ବିଭିନ୍ନ ପ୍ରାଚୀନ ଜନଜାତିଙ୍କ ବଂଶଧର ମାନେ ରହନ୍ତି। ସହର ଅପେକ୍ଷା ବଣ-ଜଙ୍ଗଲ ପ୍ରତି ମୋର ଆକର୍ଷଣ କଥା ସୁଜିତ ଭଲ ଭାବେ ଜାଣିଥିଲା। ତେଣୁ ଦ୍ୱିତୀୟ ଯାତ୍ରା କାଳରେ ସୁଜିତ୍‌ର ସହଯୋଗ କ୍ରମେ ମୁଁ ଯେଉଁ କେତେକ ପ୍ରାଚୀନ ସଂସ୍କୃତିର ସ୍ଥଳି ଗୁଡିକ ପରିଭ୍ରମଣ କରିବାର ସୁଯୋଗ ପାଇଥିଲି, ସେ ସଂପର୍କରେ କିଛି ସଂକ୍ଷିପ୍ତ ସୂଚନା ଦେବି ଆସନ୍ତା ସ୍ତମ୍ଭରେ। (କ୍ରମଶଃ)

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ମଇ ୨୦୨୫ ବୁଧବାର


# ଆଭା

# ଭାରିକୋଜ୍ ଭେନ୍ ପୀଡା ପାଇଁ ନିୟମିତ ଭେଷଜ ଚିକିତ୍ସା ଆବଶ୍ୟକ




ଯନ୍ତ୍ରଣା ଭରା ଅବସ୍ଥାରେ ଭାରିକୋଜ୍ ଭେନ୍‌କୁ ଠାବ କରାଯାଇଥାଏ। ଏହି ଭେନ୍ ପ୍ରାୟତଃ ସମସ୍ତଙ୍କ ପାଖେ ଦେଖାଯାଇ ନ ଥାଏ। ଏପରି ଭେନ୍ ସାଧାରଣ ଭେନ୍ ଭାବେ ଚର୍ମ ନିକଟରେ ଥାଏ ଅଧିକନ୍ତୁ ବାହ୍ୟ ପାର୍ଶ୍ୱକୁ ରହି ଫୁଲିବା ଦ୍ୱାରା ଭାରିକୋଜ୍ ଆଖ୍ୟା ଦିଆଯାଇଅଛି। ଏପରି ଭେନ୍‌ଗୁଡ଼ିକ ମୋଟା ଏବଂ ପ୍ରସସ୍ତ ହୋଇ ସାଧାରଣତଃ ଗୋଡ଼, ପୁରୁଷ ଅଣ୍ଡକୋଷ କିମ୍ବା ମଳ ଦ୍ୱାରରେ ଦୃଷ୍ଟିଗୋଚର ହୁଅନ୍ତି। ଭାରିକୋଜ୍ ଭେନ୍ ସମସ୍ତଙ୍କ ପାଇଁ ଏକ ସମସ୍ୟା ହୋଇ ଉଭା ହୋଇ ନ ଥାଏ, ହେଲେ ମନୁଷ୍ୟ ଗୋଡ଼ରେ, ମୁହଁରେ ଏକ ପ୍ରକାର ବୁଢ଼ିଆଣୀ ଜାଲ କିମ୍ବା ଦଉଡ଼ି ଗୁଚ୍ଛ ସଦୃଶ ଆକାର ନେଇ ବେଳେବେଳେ ଅବିରତ ଯନ୍ତ୍ରଣା ସହିତ ବେଆରମ ଓ ଅନ୍ୟାନ୍ୟ ଶାରୀରିକ ସମସ୍ୟା ସୃଷ୍ଟି କରନ୍ତି। ସରଳ ଭାବେ ବୁଝିବାକୁ ହେଲେ ମନୁଷ୍ୟ ଶରୀରରେ ଆଟେରି(ଧମନୀ) ଓ ଭେନ୍(ଶିରା) ରକ୍ତ ସଞ୍ଚାଳନ କରିଥାନ୍ତି। ଧମନୀ ବିଶୁଦ୍ଧ ରକ୍ତ ହୃତ୍‌ପିଣ୍ଡରୁ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ବହନ କରିବା ଦାୟିତ୍ୱ ନେଇଥିବା ବେଳେ ଭେନ୍ ଦ୍ୱାରା ଦୂଷିତ ରକ୍ତ ଭିନ୍ନ ଭିନ୍ନ ସ୍ଥାନରୁ ହୃତ୍‌ପିଣ୍ଡକୁ ପୁନଃ ପ୍ରକ୍ରିୟାକରଣ ଉଦ୍ଦେଶ୍ୟରେ ଫେରାଇ ଆଣିଥାନ୍ତି। କିନ୍ତୁ ଗୋଡ଼ରେ ଥିବା ଭେନ୍‌ଗୁଡ଼ିକ ରକ୍ତ ଫେରାଇ ଆଣିବା ସମୟରେ ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଦିଗରେ କାମ କରିଥାନ୍ତି, ଯଦ୍ଦ୍ୱାରା ସର୍ବଦା ଚାପଗ୍ରସ୍ତ ରହିଥାନ୍ତି। ରକ୍ତ ଉର୍ଦ୍ଧ୍ୱଗାମୀ ହେବା ବେଳେ ତଳ ଗୋଡ଼ର ମାଂସପେଶୀଗୁଡ଼ିକ ନିଜକୁ ଅଧିକ ଶକ୍ତ ଓ ଦୃଢ଼ କରି ଚିପି ଧରନ୍ତି, ଯାହା ଭେନ୍‌ଗୁଡ଼ିକ ପାଇଁ ପମ୍ପ ଭାବେ କାମକରେ ଏବଂ ରକ୍ତ ଚାପଗ୍ରସ୍ତ ଅବସ୍ଥାରେ ହୃତ୍‌ପିଣ୍ଡକୁ ଅଗ୍ରସର ହେବାକୁ ଲାଗେ। ଏ ପ୍ରକ୍ରିୟାରେ ଭେନ୍ ପ୍ରାଚୀର ଓ ଭାଲ୍‌ବର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ରକ୍ତ ଉପରକୁ ଗତି କରିବାକ୍ଷଣି ଭେନ୍‌ରେ ଥିବା ଅତି କ୍ଷୁଦ୍ର ଭାଲ୍‌ବ ସମୂହ ଖୋଲିବାକୁ ଲାଗିଥାନ୍ତି। ରକ୍ତ ପ୍ରବାହିତ ହୋଇ ସାରିବାକ୍ଷଣି ଏହା ସ୍ୱୟଂକ୍ରିୟ ଭାବେ ତୁରନ୍ତ ବନ୍ଦ ହୋଇଯାଏ। ଏପରି ନିୟୋଜିତ ଭାଲ୍‌ବ ଠିକ କାର୍ଯ୍ୟ ସମ୍ପାଦନା ଦ୍ୱାରା ରକ୍ତ କଣିକା ପୁନଃ ତଳକୁ ଖସିବାକୁ ସାମର୍ଥ୍ୟ ହୋଇପାରନ୍ତି ନାହିଁ, ଫଳରେ ରକ୍ତ କ୍ରମେ ଅଗ୍ରସର ହୋଇ ହୃତ୍‌ପିଣ୍ଡକୁ ଅନାୟାସରେ ପହଞ୍ଚିଥାଏ। କିନ୍ତୁ, ଏହି ସମୟରେ ଯଦି ଭାଲ୍‌ବଗୁଡ଼ିକର ଅବସ୍ଥା ଦୁର୍ବଳ କିମ୍ବା କ୍ଷତିଗ୍ରସ୍ତ ଥାଏ, ତେବେ ରକ୍ତ ଉପରକୁ ନ ଯାଇ ତଳକୁ ଖସି ଗୋଡ଼ରେ ଥିବା ଭେନ୍‌ମାନଙ୍କରେ ଗଚ୍ଛିତ ହୋଇଥାଆନ୍ତି। ଏହା ଦ୍ୱାରା ଗୋଡ଼ରେ ଥିବା ଭେନ୍‌ଗୁଡ଼ିକ ଫୁଲି, ବିସ୍ତାରିତ ଓ କୁଞ୍ଚ କୁଞ୍ଚ ହେବାରେ ଲାଗନ୍ତି ଏବଂ ଭାରିକୋଜ୍ ଭେନ୍ ଉତ୍ପତ୍ତି ହେବା ସହ ନାନାଦି ଶାରୀରିକ ସମସ୍ୟା ସୃଷ୍ଟି କରାନ୍ତି। ପାରିବାରିକ ଇତିହାସ ଏବଂ ମେଦ ବହୁଳତା ହେବା ଏହାର ଦୁଇ ପ୍ରମୁଖ କାରଣ ହୋଇପାରେ। ଅଧିକ ମୋଟା ହେବା ଦ୍ୱାରା ଭେନ୍‌ଗୁଡ଼ିକ ଅଧିକ ଚାପପ୍ରସ୍ତ ହୋଇ ସମସ୍ୟା ସୃଷ୍ଟି କରନ୍ତି। ମହିଳାମାନେ ଅଧିକ ଏପରି ସମସ୍ୟାରେ ଘାଣ୍ଟି ହୁଅନ୍ତି। ଅଧିକ ସମୟ ଛିଡ଼ାହେବା କିମ୍ବା ବସି ରହି କୌଣସି କାର୍ଯ୍ୟ କରିବା ମଧ୍ୟ ଅନ୍ୟ ଏକ କାରଣ ହୋଇପାରେ। ଏପରି ହେବା ଦ୍ୱାରା ରକ୍ତ ପ୍ରବାହ ଆଘାତପ୍ରାପ୍ତ ହୁଏ। ଫଳରେ ବିଶେଷ ଅଡୁଆ ଅବସ୍ଥା ସର୍ବଦା ହୁଏ ନାହିଁ କିନ୍ତୁ କଷ୍ଟଦାୟକ ଅଲସରଗୁଡ଼ିଏ ପାଦର ଚର୍ମରେ ଗଣ୍ଠି ପାର୍ଶ୍ୱବର୍ତ୍ତୀ ସ୍ଥାନରେ ହୋଇପାରେ। ଅଲସର ହେବା ପୂର୍ବରୁ ଚର୍ମର ନିର୍ଦ୍ଦିଷ୍ଟ ସ୍ଥାନରେ ବିବର୍ଣ୍ଣ ହୋଇ ଏକ ଦାଗ ସୃଷ୍ଟି ହୁଏ। ସମୟେ ସମୟେ ଗୋଡ଼ର ଭିତର ପାର୍ଶ୍ୱରେ ଭେନ୍ ବଡ଼ ଆକାର ଧାରଣ କରି ଯନ୍ତ୍ରଣା ହେବା ସହ ଗୋଡ଼ ଫୁଲିଯାଏ। ଏପରି ଅବସ୍ଥା ଲାଗି ରହିଲେ ହୁଏତ ରକ୍ତ ଜମାଟ କାରଣ ହୋଇପାରେ। ଭେନଗୁଡ଼ିକ ଅତ୍ୟଧିକ ଫୁଲିବା ଦ୍ୱାରା ଚାପଗ୍ରସ୍ତ ହୋଇ ଫାଟି ରକ୍ତସ୍ରାବ ମଧ୍ୟ କରିଥାଏ। ବହୁ ସମୟ ଧରି ଭାରିକୋଜ୍ ଭେନ ଗୋଡ଼କୁ କଷ୍ଟ ଦେବା ସହ ଫୁଲେଇ ଦେଇଥାଏ। ଯାହାଦ୍ୱାରା ରୋଗୀ ଅଶାନ୍ତି ମଧ୍ୟକୁ ଠେଲି ହୋଇଯାଏ। ଭାରିକୋଜ ଭେନ ଯଦିଓ କେତେକଙ୍କ ପାଇଁ କଷ୍ଟଦାୟକ ନୁହେଁ କିନ୍ତୁ ଅନ୍ୟମାନେ ଯନ୍ତ୍ରଣା ଅନୁଭବ କରନ୍ତି। ଏଥିପାଇଁ ନିୟମିତ ଭେଷଜ ଚିକିତ୍ସା ସହିତ କିପରି ନିୟମିତ ଅବିଶ୍ରାନ୍ତ ରକ୍ତ ପ୍ରବାହ ଜାରି ରହିପାରିବ ଏବଂ ମାଂସପେଶୀ ସୁସ୍ଥ ରହିବ, ସେଥିପାଇଁ ସତର୍କ ରହିବା ଆବଶ୍ୟକ। ଏହା ସହିତ ଉଚ୍ଚ ହିଲ୍‌ଯୁକ୍ତ ଚପଲ ପରିଧାନ, ଅତ୍ୟଧିକ ଚିପା ମୋଜା ପରିଧାନ ନ କରିବା ଉପାଦେୟ ସାବ୍ୟସ୍ତ ହୋଇପାରେ। ନିୟମିତ ବ୍ୟାୟାମ ସହିତ ତନ୍ତୁଯୁକ୍ତ ଖାଦ୍ୟ ସେବନ, କମ୍ ଲୁଣ ଯୁକ୍ତ ଭୋଜନ ଉପରେ ଧ୍ୟାନ ଦେବା ଦରକାର। ଏକ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ ବସିବା କିମ୍ବା ଶୋଇବା ସମୟରେ ଗୋଡ଼କୁ ଉପରକୁ ଟେକି ରଖିଲେ ହୁଏତ ଭାରିକୋଜ୍ ଭଳି ସମସ୍ୟାରୁ ମୁକ୍ତି ମିଳିପାରେ।

## ଟାଟୁ କରୁଥିଲେ ସାବଧାନ! ହୋଇପାରେ କ୍ୟାନସର



ଟାଟୁ ମାନିଆ । ସବୁ ବର୍ଗର ଲୋକଙ୍କୁ କ୍ରେଜି କରୁଛି ଟାଟୁ । ପିଲାଙ୍କ ଠାରୁ ବୟସ୍କ ଏମିତିକି ମହିଳା ବି ଟାଟୁ ନିଶାରେ। ଶରୀରର ବିଭିନ୍ନ ଅଙ୍ଗରେ ଟାଟୁ ତିଆରି କରି ଟ୍ରେଣ୍ଡରେ ରହୁଛନ୍ତି ସମସ୍ତେ । ଏମିତିକି ଟାଟୁ ବି ମଣିଷର ପରିଚୟ ଦେଉଛି । ଅର୍ଥାତ୍ ଅନେକ ଦୁର୍ଘଟଣାରେ ଟାଟୁ ଦେଖି ପରିଚୟ ମିଳିପାରୁଛି । କିନ୍ତୁ ଆପଣ ଜାଣନ୍ତି କି ? ଟାଟୁ ଆଣିପାରେ ବିପଦ । ଚର୍ମ ରୋଗ ଠାରୁ ଏଚଆଇଭି ଯାଏଁ ହୋଇପାରନ୍ତି ସଂକ୍ରମିତ । ଟାଟୁରେ ବ୍ୟବହୃତ ଛୁଞ୍ଚି, କେମିକାଲ ଆଦି ରୋଗକୁ ଡାକିଆଣେ । ଟାଟୁ ତିଆରି କରିବା ପାଇଁ ନୀଳ ରଙ୍ଗ କ୍ଷତିକାରକ। ଏଥିରେ ଆଲୁମିନିୟମ ଓ କୋବାଲ୍ଟ ଆଦି ବ୍ୟବହାର ହୋଇଥାଏ । ପିଲାଙ୍କ ତ୍ୱଚା ପାଇଁ ଏହା ମାରାତ୍ମକ । ଟାଟୁରେ ବ୍ୟବହୃତ ଛୁଞ୍ଚି ମାଂସପେଶୀକୁ ଦୁର୍ବଳ କରାଏ । ଟାଟୁ କରିବା ପୂର୍ବରୁ ହେପାଟାଇଟିସଲ ବି ଟୀକା ନେବା ଆବଶ୍ୟକ । ଏଭଳିକି ଆଣ୍ଟିବାୟୋଟିକ୍ କ୍ରିମ ଲଗାଇବା ଜରୁରୀ । ଡାକ୍ତରଙ୍କ ପରାମର୍ଶ ନେଇ ଟାଟୁ କରିବାକୁ ଭୁଲନ୍ତୁ ନାହିଁ ।

## ମୋବାଇଲ ବ୍ୟବହାର ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି



ଅତ୍ୟଧିକ ମୋବାଇଲ ବ୍ୟବହାର ଯୋଗୁଁ ଏବେ ଲୋକଙ୍କଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଏହି ସମସ୍ୟା କିଶୋରକିଶୋରୀଙ୍କଠାରେ ଅଧିକ ଦେଖିବାକୁ ମିଳିଥାଏ। ସେଥିପାଇଁ ଯଥାସମ୍ଭବ ମୋବାଇଲ କମ୍ ବ୍ୟବହାର କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଉଛି। ଗୋଟିଏ ପଟେ ଅଧିକ ଫୋନ ବ୍ୟବହାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଥିବା ବେଳେ ଅନ୍ୟପଟେ ଏହାର କମ୍ ବ୍ୟବହାର ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା ଦିଗରେ ଫଳପ୍ରଦ ବୋଲି କୁହାଯାଇଛି। ଦିନକୁ ଘଣ୍ଟାଏରୁ ଦୁଇ ଘଣ୍ଟା ଫୋନ୍ ବ୍ୟବହାର କରୁଥିବା କିଶୋରକିଶୋରୀଙ୍କଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଆଶଙ୍କା ହ୍ରାସ ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। କୋରିଆର ହନ୍‌ୟାଙ୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୩ରୁ ୧୮ ବର୍ଷ ବୟସ୍କ ପିଲାଙ୍କ ଉପରେ ଗବେଷଣା କରି ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ତେବେ ଆଦୌ ଫୋନ୍ ବ୍ୟବହାର କରୁ ନଥିବା ପିଲାଙ୍କ ତୁଳନାରେ ଦିନକୁ ଦୁଇ ଘଣ୍ଟାରୁ କମ୍ ସମୟ ବ୍ୟବହାର କରୁଥିବା କିଶୋରଙ୍କଠାରେ ଅବସାଦ, ନିଦ୍ରାହୀନତା, ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ନିଶାଭ୍ୟାସ ପ୍ରବୃତ୍ତି ଆଶଙ୍କା କମ୍ ଥାଏ। ଅବଶ୍ୟ ଚାରି ଘଣ୍ଟାରୁ ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଦ୍ୱାରା ଏହିସବୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ୨୨ ପ୍ରତିଶତକୁ ବୃଦ୍ଧି ପାଇଥାଏ। କିଶୋରକିଶୋରୀଙ୍କ ଫୋନ୍ ବ୍ୟବହାର ସେମାନଙ୍କୁ ଏକାକୀତ୍ୱଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ ବୋଲି ଗବେଷକମାନେ କହିଛନ୍ତି। ତେବେ ଗବେଷକମାନେ ୨୦୧୭ ଏବଂ ୨୦୨୦ରେ କୋରିଆର ୫୦ ହଜାର କିଶୋରଙ୍କ ଡାଟାକୁ ବିଶ୍ଳେଷଣ କରି ଏଭଳି ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି।

## ଖରାପ ଖାଇବା ଅଭ୍ୟାସ ଯୋଗୁ ଶରୀରରେ ପୁଷ୍ଟିକର ଅଭାବ ହୁଏ



ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମଆର)ର ମୁଖ୍ୟ ଭାରତୀୟଙ୍କ ଖାଦ୍ୟ ଅଭ୍ୟାସ ସମ୍ବନ୍ଧରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଧାରୁ ଅଧିକ ରୋଗର କାରଣ ହେଉଛି ଆମର ଭୁଲ ଖାଇବା ଅଭ୍ୟାସ ବୋଲି ଆଇସିଏମଆର ପକ୍ଷରୁ କୁହାଯାଇଛି। ଅସ୍ୱାସ୍ଥ୍ୟକର ଖାଦ୍ୟ ହେଉଛି ଭାରତରେ ୫୭ ପ୍ରତିଶତ ରୋଗର କାରଣ। ଆଇସିଏମଆର ଏବଂ ଇନଷ୍ଟିଚ୍ୟୁଟ ଅଫ ନ୍ୟୁଟ୍ରିସନ ଅନୁଯାୟୀ, ଖରାପ ଖାଇବା ଅଭ୍ୟାସ ଯୋଗୁ ଶରୀରରେ ପୁଷ୍ଟିକର ଅଭାବ, ରକ୍ତହୀନତା, ମେଦବହୁଳତା, ମଧୁମେହ, କର୍କଟ ଭଳି ଗୁରୁତର ରୋଗ ହେବାର ଆଶଙ୍କା ବଢ଼ିଛି। 'ଦିନ କି ମେରୀ ଥାଲି' ଟାଇଟଲ ସହିତ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସର୍ବନିମ୍ନ ଆଠଟି ଖାଦ୍ୟ ପଦାର୍ଥରୁ ମାକ୍ରୋନ୍ୟୁଟ୍ରିଏଣ୍ଟସ ଏବଂ ମାଇକ୍ରୋନ୍ୟୁଟ୍ରିଏଣ୍ଟସ ସୋର୍ସିଂ କରିବାକୁ ସୁପାରିଶ କରେ। ଯେଉଁଥିରେ ପନିପରିବା, ଫଳ, ସବୁଜ ପତ୍ରଯୁକ୍ତ ପନିପରିବା ଖାଇବା ଜରୁରୀ, ଯାହା ଦ୍ୱାରା ଶରୀରରେ ପର୍ଯ୍ୟାପ୍ତ ପରିମାଣର ଫାଇବର ମିଳିବ। ଦ୍ୱିତୀୟ ମୁଖ୍ୟ ଅଂଶ ହେଉଛି ଶସ୍ୟ ଏବଂ ମିଲେଟ । ଏହା ପରେ ଡାଲି, ମାଂସ ଖାଦ୍ୟ, ଅଣ୍ଡା, ଶୁଖିଲା ଫଳ, ତେଲ ବିହନ ଏବଂ କ୍ଷୀର କିମ୍ବା ଦହି ଆସେ। ଏକ ପ୍ଲେଟରେ ୪୫ ପ୍ରତିଶତ ଶସ୍ୟ ରହିବା ଉଚିତ୍। ଡାଲି, ଅଣ୍ଡା ଏବଂ ମାଂସ ଖାଦ୍ୟ ଶତକଡା ୧୪ ରୁ ୧୫% ହେବା ଉଚିତ୍। ସେହିପରି ବାଦାମ, ତେଲ ମଞ୍ଜି, କ୍ଷୀର ଏବଂ ଦୁଗ୍ଧଜାତ ଦ୍ରବ୍ୟ ପ୍ରତିଦିନ ମୋଟ ଶକ୍ତିର ୮-୧୦% ହେବା ଉଚିତ। ଦୈନନ୍ଦିନ ଖାଦ୍ୟରେ ଚିନି, ଲୁଣ ଏବଂ ଚର୍ବି ହ୍ରାସ କରିବାକୁ ଅଧିକରୁ ଅଧିକ ଫଳ ଏବଂ ପନିପରିବା ଖାଇବା ଉଚିତ୍। ବିଶେଷକରି ଗର୍ଭବତୀ ମହିଳା ଏବଂ ମହିଳା ଯେଉଁମାନେ ସ୍ତନ୍ୟପାନ କରାଉଛନ୍ତି ସେମାନଙ୍କୁ ଯଥାସମ୍ଭବ କ୍ଷୀର, ଅଣ୍ଡା ଏବଂ ମାଂସ ଖାଇବାକୁ ପରାମର୍ଶ ଦିଆଯାଇଛି।

## ଖରାଦିନେ ଶରୀରରେ ଡିହାଇଡ୍ରେସନର ସମସ୍ୟା ବାହାରେ



ଅନୁଭୂତ ହେଲାଣି ଅସହ୍ୟ ତାତି ଏହାରି ଭିତରେ ବଢ଼ିଚାଲିଛି ପ୍ରଦୂଷଣର ମାତ୍ରା । ଖରାଦିନେ କିଭଳି ନିଜର ଯତ୍ନ ନେବେ ଏହାକୁ ନେଇ ସମସ୍ତେ ଚିନ୍ତାରେ ରୁହନ୍ତି, ଖରା ବଢ଼ିବା ସହ ଦେହରୁ ଜଳୀୟଅଂଶ କମି କମି ଯାଏ । ଏପରି କ୍ଷେତ୍ରରେ ଶରୀରର ଅଧିକ ଯତ୍ନ ନେବାକୁ ପଡେ । ସର୍ବପ୍ରଥମେ ଦେହରେ ଜଳୀୟଅଂଶର ମାତ୍ରା ବଢାଇବା ପାଇଁ ବହୁଳ ମାତ୍ରାରେ ପାଣି, ଲେମ୍ବୁ ପାଣି, ପଇଡ ପାଣି ଘୋଳଦହି, ଓଆରଏସ ଇତ୍ୟାଦି ପିଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ଖାଲି ସେତିକି ନୁହେଁ ଶରୀରରେ ମଧ୍ୟ ଭିଟାମିନ 'ଓ' ମିନେରାଲସର ଅଭାବ ମଧ୍ୟ ଦେଖଦେଇଥାଏ । ଯଦି ଆମେ ପୃଷ୍ଟିକର ଖାଦ୍ୟ ସହ ପାନୀୟର ଧ୍ୟାନ ନରଖିଥାଉ ତେବେ ଶରୀରରେ ଡିହାଇଡ୍ରେସନର ସମସ୍ୟା ଦେଖାଦେଇଥାଏ।

## ଫଳ ସହିତ ଅଣ୍ଡା, ମାଂସ ଆଦି ଖାଇବା ଅନୁଚିତ




ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନିୟମିତ ଫଳ ଖାଇବାକୁ ପରାମର୍ଶ ଦେଇଥାନ୍ତି । ତେବେ ଫଳ ସହିତ କେତେକ ଜିନିଷ ଖାଇବା ଦ୍ୱାରା ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ତେବେ ଆସନ୍ତୁ ଜାଣିବା, ଫଳ ସହିତ କ'ଣ ଖାଇବା ଅନୁଚିତ... ଫଳ ସହିତ ଅଧିକ ପ୍ରୋଟିନ୍ ଯୁକ୍ତ ଖାଦ୍ୟ (ଅଣ୍ଡା, ମାଂସ ଆଦି) ଖାଇବା ଅନୁଚିତ। ଫଳରେ ନାଚ୍ୟୁରାଲ ସୁଗାର ଥାଏ ଯାହାକି ଶୀଘ୍ର ହଜମ ହୋଇଯାଇଥାଏ, ଅପରପକ୍ଷରେ ପ୍ରୋଟିନ୍ ହଜମ ହେବାକୁ ସମୟ ଲାଗିଥାଏ। ଏହାକୁ ଏକାଠି ଖାଇବା ଦ୍ୱାରା ହଜମଜନିତ ସମସ୍ୟା ଦେଖାଯାଏ। ସେହିଭଳି ଖଟାଫଳକୁ ଦୁଗ୍ଧଜାତୀୟ ଦ୍ରବ୍ୟ (କ୍ଷୀର, ଦହି) ସହିତ ଖାଇବା ଅନୁଚିତ। ଏହାଦ୍ୱାରା ପାଚନ ସମ୍ପର୍କୀୟ ସମସ୍ୟା ଦେଖାଯାଇପାରେ। ଖଟା ଫଳରେ ଥିବା ଏସିଡ୍, ଦୁଗ୍ଧଜାତ ପଦାର୍ଥରେ ଥିବା ପ୍ରୋଟିନ୍ ସହ ମିଶି ସମସ୍ୟା ସୃଷ୍ଟି କରିପାରେ। ଏହାକୁ ଅଲଗା ଅଲଗା ସେବନ କରିବା ଉଚିତ। ଫଳକୁ ବ୍ରେଡ୍ କିମ୍ବା ଆଳୁ ଭଳି ହାଇ ଷ୍ଟାର୍ଚ୍‌ଯୁକ୍ତ ଖାଦ୍ୟ ସହିତ ଖାଇବା ଅନୁଚିତ। ଏହାଦ୍ୱାରା ଗ୍ୟାସ୍, ପେଟଫୁଲା ଆଦି ସମସ୍ୟା ଦେଖାଯାଇପାରେ। ସେହିଭଳି ତରଭୁଜକୁ ଅନ୍ୟ କୌଣସି ଫଳ ସହ ଖାଇବା ଅନୁଚିତ। ଏହାକୁ ଅନ୍ୟ ଫଳ ସହ ଖାଇବା ଦ୍ୱାରା ପାଚନ ସମ୍ପର୍କୀୟ ସମସ୍ୟା ଦେଖାଯାଇପାରେ। ସେହିଭଳି ଅଧିକ ଭାରୀ ଯୁକ୍ତ ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ଫଳ ଖାଇବା ଅନୁଚିତ। ଫଳ ଶୀଘ୍ର ହଜମ ହୋଇଯାଏ। ଏହାକୁ ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ଖାଇବା ଦ୍ୱାରା ଏହା ହଜମ ହେବାକୁ ସମୟ ଲାଗିଥାଏ। ତେଣୁ ଖାଦ୍ୟ ଖାଇବାର ଅଧ ଘଣ୍ଟା ପରେ ଫଳ ଖାଇବା ଆବଶ୍ୟକ।

## ଶିଶୁଙ୍କୁ ବୁଦ୍ଧିମାନ କରିବା ସହ ରୋଗରୁ ମୁକ୍ତି ଦିଏ ଦେଶୀ ଘିଅ



ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଘିଅ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଆର୍ଯ୍ୟୁବେଦ ଶାସ୍ତ୍ର ଅନୁଯାୟୀ, ଘିଅ ଖାଇବା ଦ୍ୱାରା ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଫାଇଦା ମିଳିଥାଏ। ଘିଅ ଖାଇଲେ ମୋଟାପଣ ଦୂର ହେବା ସହ ଏହା ପାଚନ ତନ୍ତ୍ରକୁ ମଧ୍ୟ ଠିକ ରଖିଥାଏ। ତେବେ ଆସନ୍ତୁ ଜାଣିବା ଘିଅ ଖାଇବାର ଫାଇଦା ସମ୍ପର୍କରେ। ପିଲାମାନଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଘିଅ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଶରୀରକୁ ଶକ୍ତି ଦେବା ବ୍ୟତୀତ ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ ବଢାଇଥାଏ। ଏହାଦ୍ୱାରା ଅନେକ ପ୍ରକାରର ରୋଗକୁ ମୁକ୍ତି ମିଳିଥାଏ। ଆୟୁର୍ବେଦରେ ୨୫ ବର୍ଷ ଧରି କାର୍ଯ୍ୟ କରୁଥିବା ଆୟୁର୍ବେଦିକ ଡାକ୍ତର ଅନୁରାଗ କହିଛନ୍ତି ଯେ, ଘିଅରେ ଥିବା ଓମେଗା-୩ ଫ୍ୟାଟି ଏସିଡ୍, ଭିଟାମିନ୍-ଇ, ଭିଟାମିନ୍ ବି୧୨, ଭିଟାମିନ୍-ଡି, ଆଣ୍ଟିଅକ୍ସିଡାଣ୍ଟ ସୁସ୍ଥ ତ୍ୱଚା ଏବଂ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଘିଅ ହୃଦୟକୁ ଶକ୍ତି ପ୍ରଦାନ କରେ । ଆହୁରି ମଧ୍ୟ କହିଛନ୍ତି , ଶିଶୁମାନଙ୍କ ଖାଦ୍ୟରେ ଘିଅକୁ ଅନ୍ତର୍ଭୁକ୍ତ କରିବା ନିଶ୍ଚିତ ଆବଶ୍ୟକ। ଘିଅ ଖାଇବା ଦ୍ୱାରା ପିଲାମାନଙ୍କର ମାନସିକ ଏବଂ ଶାରୀରିକ ବିକାଶ ସଠିକ୍ ଭାବରେ ହୋଇଥାଏ। ସ୍ମରଣ ଶକ୍ତି ବୃଦ୍ଧି କରିବାରେ ଘିଅର ମୁଖ୍ୟ ଭୂମିକା ରହିଛି ଏବଂ ମାନସିକ ସନ୍ତୁଳନ ରକ୍ଷା ହୋଇଥାଏ। ଘିଅ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ହୁଏ । ଏହାର ବ୍ୟବହାର ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଥାଏ । ଘିଅ ଖାଇବା ଦ୍ୱାରା ଆପଣ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ କୋଷ୍ଠକାଠିନ୍ୟ ଓ ହଜମ ସହିତ ନିଜଠାରୁ ଦୂରରେ ରଖିବାରେ ସଫଳ ହୋଇପାରିବେ । ଯକ୍ଷ୍ମା ଏକ ଗୁରୁତର ରୋଗ ଏବଂ ଏହାକୁ ଠିକ୍ ସମୟରେ ଚିକିତ୍ସା କରିବା ଅତ୍ୟନ୍ତ ଜରୁରୀ ଅଟେ। ଆୟୁର୍ବେଦ ଅନୁଯାୟୀ, ଘିଅ ଖାଇବା ଟିବି ରୋଗୀଙ୍କ ପାଇଁ ଲାଭଦାୟକ ଅଟେ। ତଥାପି, ଯକ୍ଷ୍ମା ଚିକିତ୍ସା ପାଇଁ କେବଳ ଘରୋଇ ଉପଚାର ଉପରେ ନିର୍ଭର କରନ୍ତୁ ନାହିଁ, ବରଂ ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, କେବଳ ଶୁଦ୍ଧ ଦେଶୀ ଘିଅ ଖାଇବା ଉଚିତ୍। ଏଥିରେ ଶରୀରକୁ ଅନେକ ପ୍ରକାରର ଲାଭ ମିଳିଥାଏ।

## ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବଢାଇଲା ମେକଅପ୍ ବେପାର



ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଅଗମେଣ୍ଟେଡ୍ ରିଅଲିଟି (ଏଆଇ) ମେକଅପ୍ ଇଣ୍ଡଷ୍ଟ୍ରିକୁ ଏକ ନୂତନ ଯୁଗକୁ ନେଇଯିବାକୁ ବସିଛି । ମେକ୍‌ଅପ୍ କମ୍ପାନୀ ଏବଂ ବ୍ରାଣ୍ଡଗୁଡିକ ବର୍ତ୍ତମାନ ଇଓ ଆଧାରିତ ସ୍ମାର୍ଟ ବିଉଟି ମିରର୍ ଏବଂ ଭର୍ଚ୍ୟୁଆଲ୍ ମେକଅପ୍ ଆପ୍ ମାଧ୍ୟମରେ ଗ୍ରାହକଙ୍କୁ ସେମାନଙ୍କର ଉତ୍ପାଦ ପରୀକ୍ଷା ଏବଂ ଟ୍ରାଏଲ କରିବାକୁ ଅଫର୍ ପ୍ରଦାନ କରୁଛନ୍ତି। ସବୁ ଗ୍ରାହକଙ୍କ ପାଇଁ ଗୋଟିଏ ଉତ୍ପାଦ ବଦଳରେ ଗ୍ରାହକଙ୍କ ସ୍କିନ ଟୋନ ଅନୁଯାୟୀ ସ୍ୱତନ୍ତ୍ର ଉତ୍ପାଦ ପ୍ରସ୍ତୁତ କରାଯାଉଛି । ଏହା ବ୍ୟତୀତ ବଜାରର ଟ୍ରେଣ୍ଡକୁ ଆକଳନ କରିବା ପାଇଁ ଇଓ ର ମଧ୍ୟ ସାହାଯ୍ୟ ନିଆଯାଉଛି ।

**ଅନ-ସ୍କ୍ରିନ ମେକଅପ୍ ପାଇଁ 'ମଁଡିଫେସ' ପରି ଆପ୍ ର ପ୍ରୟୋଗ**

ବିଶ୍ୱପ୍ରଖ୍ୟାତ ମେକଅପ୍ ବ୍ରାଣ୍ଡ ମେବେଲିନ ମାଇକ୍ରୋସଫ୍ଟ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍ନୋଲୋଜି ପାଇଁ ବୁଝାମଣା ସ୍ୱାକ୍ଷର କରିଛି । ମେବେଲିନର ପ୍ୟାରେଣ୍ଟ କମ୍ପାନୀ 'ଲ'ରିଏଲ' ପାଖରେ ଅନ-ସ୍କ୍ରିନ ମେକଅପ୍ ପାଇଁ 'ମଁଡିଫେସ' ଆପ୍ ଏବଂ ଏକ ଭରଚ୍ୟୁଆଲ ମେକଅପ୍ ବ୍ୟାଗ ରହିଛି । ଏହି ବ୍ୟାଗରେ ଆପଣ ୧୨ ପ୍ରକାର ଲୁକସ୍ ଟ୍ରାଇ କରିପାରିବେ।

**ସୌନ୍ଦର୍ଯ୍ୟ ପ୍ରସାଧନ ଉତ୍ପାଦ ବଜାର ୧.୩ ଲକ୍ଷ କୋଟିରେ ପହଞ୍ଚିବ**

ଇନସାଇଟ୍ ଏସ୍ ଆନାଲିଟିକ୍ସ ଅନୁଯାୟୀ ୨୦୨୨ ମସିହାରେ ଭାରତର ସୌନ୍ଦର୍ଯ୍ୟ ଏବଂ ପ୍ରସାଧନ ବଜାରର ମୂଲ୍ୟ ୨୬,୭୦୦ କୋଟିରୁ ଅଧିକ ହେବ ବୋଲି ଆଶା କରାଯାଉଛି । ୨୦୩୧ ସୁଦ୍ଧା ବାର୍ଷିକ ୧୯.୬% ବୃଦ୍ଧି ହୋଇ ଏହା ୧.୩୦ ଲକ୍ଷ କୋଟିରେ ପହଞ୍ଚିପାରେ। ବିଦେଶୀ କମ୍ପାନୀଗୁଡିକ ଭାରତୀୟ ବଜାରରେ ପ୍ରାଧାନ୍ୟ ବିସ୍ତାର କରୁଛନ୍ତି କିନ୍ତୁ ବର୍ତ୍ତମାନ ଅନେକ ଭାରତୀୟ କମ୍ପାନୀ ବର୍ତ୍ତମାନ ସେମାନଙ୍କ ସହ କଡ଼ା ମୁକାବିଲା କରିବା ଆରମ୍ଭ କରିଦେଲେଣି । 'ଲାକମେ'ର 'ସ୍କିନ ଆଡଭାଇଜର' ଆପ୍‌ରେ ନିଜର ସେଲଫି ଡାଉନଲୋଡ କରି ସ୍କିନ ଟୋନକୁ ଗଭୀର ଭାବେ ଅନୁଧ୍ୟାନ କରିପାରିବେ । ଜାନୁଆରୀରେ 'ଏସଟି ଲାଉଡ଼ର'ରେ ଏକ ଭଏସ ଏନାବଲ୍ ମେକଅପ୍ ଆସିଷ୍ଟାଣ୍ଟ ଆପ୍ଲିକେସନ ଲଞ୍ଚ କରିଛି। ଏଥିରେ ଆପଣଙ୍କୁ ସେ ଲିପଷ୍ଟିକ, ଆଇ ସାଡୋ କିମ୍ବା ଫାଉଣ୍ଡେସନ ଲଗାଇବା ପାଇଁ ଅଡ଼ିଓ ଫିଡବ୍ୟାକ ପ୍ରଦାନ କରୁଛି ।

# ଚେନ୍ନାଇକୁ ୬ ୱିକେଟରେ ହରାଇଲା ରାଜସ୍ଥାନ



**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୫ର ୬୨ତମ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ ଚେନ୍ନାଇ ସୁପର କିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ। ଚଳିତ ସିଜିନରେ ଏହି ମ୍ୟାଚ୍‌ର କୌଣସି ଗୁରୁତ୍ୱ ନ ଥିବା ବେଳେ ଦୁଇ ଦଳ ଆତ୍ମସମ୍ମାନ ପାଇଁ ଲଢିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୮ ୱିକେଟ୍ ହରାଇ ୧୮୭ ରନ କରିଥିଲା। ରାଜସ୍ଥାନ ଆଗରେ ୧୮୮ ରନ ବିଜୟ ଲକ୍ଷ୍ୟ ରଖିଥିଲା। ଆୟୁଷ ମହାତ୍ରେ ସର୍ବାଧିକ ୪୩ ରନ କରିଥିବା ବେଳେ ଡିୱାଲ୍ଡ ବ୍ରେଭିସ ୪୨ ରନର ଇନିଂସ ଖେଳିଥିଲେ। ଶେଷ ଆଡ଼କୁ ଶିବମ ଦୁବେ ୩୯ ରନର ଉପଯୋଗୀ ଇନିଂସ ଖେଳିବାରୁ ଚେନ୍ନାଇ ୧୮୭ ରନରେ ପହଞ୍ଚି ପାରିଥିଲା।

ରାଜସ୍ଥାନ ପକ୍ଷରୁ ଆକାଶ ମଧୱାଲ ୪ ଓଭରରେ ୨୯ ରନ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି। ୧୮୮ ରନର ବିଜୟ ଲକ୍ଷ୍ୟ ନେଇ ରାଜସ୍ଥାନ ରୟାଲ୍ସ ୪ ୱିକେଟ ହରାଇ ହାସଲ କରିନେଇଥିଲା। ଚଳିତ ସଂସ୍କରଣରେ ରାଜସ୍ଥାନ ପାଇଁ ମଙ୍ଗଳବାର ଥିଲା ଶେଷ ମ୍ୟାଚ୍। ଦଳ ଏହି ମୁକାବିଲା ଜିତି ବିଜୟର ସହ ଅଭିଯାନ ଶେଷ କରିଛି।

# ଅହମଦାବାଦରେ ଖେଳାଯିବ ଆଇପିଏଲ ଫାଇନାଲ ଓ ମୁଲ୍ଲାନପୁରରେ ପ୍ଲେଅଫ

**ମୁମ୍ବାଇ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ର ଫାଇନାଲ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଜୁନ ୩, ୨୦୨୫ରେ ଖେଳାଯିବ ବୋଲି ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି। ଏହା ସହିତ ପ୍ଲେଅଫ ମ୍ୟାଚ୍‌ଗୁଡ଼ିକରେ କ୍ୱାଲିଫାୟାର ୧ ଓ ଏଲିମିନେଟର ମୁଲ୍ଲାନପୁରର ମହାରାଜା ଯାଦବିନ୍ଦ୍ର ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ମେ ୨୯ ଓ ୩୦ରେ ଖେଳାଯାଇପାରେ। ଏହି ନିଷ୍ପତ୍ତି ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଦ୍ୱାରା ମଙ୍ଗଳବାର ଏକ ବୈଠକରେ କରାଯାଇଥିଲା।



ପୂର୍ବରୁ ଆଇପିଏଲ ୨୦୨୫ର ଫାଇନାଲ ମେ ୨୫ରେ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା କିନ୍ତୁ ଭାରତ–ପାକିସ୍ତାନ ସୀମା ଉତ୍ତେଜନା ହେତୁ ମେ ୯ରେ ଟୁର୍ଣ୍ଣାମେଣ୍ଟ ଏକ ସପ୍ତାହ ପାଇଁ ସ୍ଥଗିତ ରହିଥିଲା। ଏହା ପରେ ବିସିସିଆଇ ମେ ୧୨ରେ ଏକ ସଂଶୋଧିତ ସୂଚୀ ଘୋଷଣା କରିଥିଲେ, ଯେଉଁଥିରେ ଲିଗ୍ ପର୍ଯ୍ୟାୟର ବାକି ୧୭ଟି ମ୍ୟାଚ୍ ବେଙ୍ଗାଲୁରୁ, ଜୟପୁର, ଦିଲ୍ଲୀ, ଲକ୍ଷ୍ନୌ, ଅହମଦାବାଦ ଓ ମୁମ୍ବାଇରେ ଖେଳାଯିବ। କୋଲକାତାରେ ଜୁନ ୩ରେ ବର୍ଷା ଆଶଙ୍କା ଥିବାରୁ ଫାଇନାଲ ଅହମଦାବାଦକୁ ସ୍ଥାନାନ୍ତରିତ ହୋଇଛି।

ମୁଲ୍ଲାନପୁରରେ ପ୍ରଥମ ଦୁଇଟି ପ୍ଲେଅଫ ମ୍ୟାଚ୍ ଆୟୋଜନ ହେବାର ସମ୍ଭାବନା ରହିଛି, ଯେଉଁଠାରେ କ୍ୱାଲିଫାୟାର ୧ ଓ ଏଲିମିନେଟର ମ୍ୟାଚ୍ ଖେଳାଯାଇପାରେ। ଏହି ଷ୍ଟାଡିୟମ ପଞ୍ଜାବ କିଙ୍ଗସର ହୋମ ଗ୍ରାଉଣ୍ଡ ହୋଇଥିବା ବେଳେ ଚଳିତ ସିଜନରେ ଏହା ଚାରୋଟି ମ୍ୟାଚ୍ ଆୟୋଜନ କରିସାରିଛି। ଅନ୍ୟପକ୍ଷରେ, ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ କ୍ୱାଲିଫାୟାର ୨ ଓ ଫାଇନାଲ ମ୍ୟାଚ୍ ଆୟୋଜନ କରିବ, ଯାହା ଏହାର ତୃତୀୟ ଆଇପିଏଲ ଫାଇନାଲ ହେବ।

ବିସିସିଆଇ ସୂଚନା ଅନୁସାରେ, ଆଇପିଏଲ ୨୦୨୫ର ଲିଗ୍ ପର୍ଯ୍ୟାୟ ମେ ୨୭ରେ ଶେଷ ହେବ, ଏବଂ ପ୍ଲେଅଫ ମ୍ୟାଚ୍‌ଗୁଡ଼ିକ ମେ ୨୯ରୁ ଜୁନ ୩ ମଧ୍ୟରେ ଖେଳାଯିବ। ଗୁଜରାଟ ଟାଇଟନ୍ସ, ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗସ ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଚତୁର୍ଥ ସ୍ଥାନ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଛି।

ଏହା ବ୍ୟତୀତ ବେଙ୍ଗାଲୁରୁରେ ବନ୍ୟା ପରିସ୍ଥିତି ହେତୁ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମେ ୨୩ରେ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍‌କୁ ଲକ୍ଷ୍ନୌର ଏକାନା ଷ୍ଟାଡିୟମକୁ ସ୍ଥାନାନ୍ତରିତ କରାଯାଇଛି। ବିସିସିଆଇ ମୌସୁମୀ ପରିସ୍ଥିତିକୁ ନଜରରେ ରଖି ଅନ୍ୟ ସହରମାନଙ୍କରେ ମଧ୍ୟ ମ୍ୟାଚ୍ ଆୟୋଜନ ପାଇଁ ବିଚାର କରୁଛି।

# ପ୍ରଶଂସକଙ୍କୁ ନିଜର ଲାମ୍ବୋର୍ଗିନୀ ଦେଇଦେଲେ ରୋହିତ ଶର୍ମା



**ମୁମ୍ବାଇ**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ତଥା ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ଖେଳାଳି ରୋହିତ ଶର୍ମା ଏକ ହୃଦୟସ୍ପର୍ଶୀ ଅଙ୍ଗଭଙ୍ଗୀରେ ସମସ୍ତଙ୍କ ମନ ଜିଣିଛନ୍ତି। ସେ ନିଜର ଆଇକନିକ ନୀଳ ଲାମ୍ବୋର୍ଗିନୀ ଉରୁସ, ଯାହାର ମୂଲ୍ୟ ପ୍ରାୟ ୪ କୋଟି ଟଙ୍କା, ଡ୍ରିମ୍୧୧ ଫ୍ୟାଣ୍ଟାସି କ୍ରିକେଟ ପ୍ରତିଯୋଗିତାର ବିଜେତା ଯୁବରାଜ ୱାଘଙ୍କୁ ଉପହାର ଦେଇଛନ୍ତି। ଏହି ଘଟଣା ମେ ୧୯, ୨୦୨୫ରେ ଏକ ପ୍ରମୋସନାଲ ଇଭେଣ୍ଟ ସମୟରେ ଘଟିଛି, ଯାହାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି।

ରୋହିତଙ୍କ ଏହି ଲାମ୍ବୋର୍ଗିନୀ କେବଳ ଏକ ବିଳାସପୂର୍ଣ୍ଣ ଗାଡ଼ି ନୁହେଁ, ବରଂ ତାଙ୍କ କ୍ୟାରିଅରର ଏକ ପ୍ରତୀକ ଗାଡ଼ିର ନମ୍ବର ପ୍ଲେଟ୍‌ରେ ୦୨୬୪ ଲେଖାଯାଇଛି, ଯାହା ରୋହିତଙ୍କ ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିବା ରେକର୍ଡ ବ୍ରେକିଂ ୨୬୪ ରନର ଇନିଂସକୁ ସୂଚାଇଛି। ଏହି ଇନିଂସ ବିଶ୍ୱ କ୍ରିକେଟରେ ଏକ ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର ଭାବେ ଇତିହାସରେ ସ୍ଥାନ ପାଇଛି। ଏହି ଗାଡ଼ିକୁ ରୋହିତ ମୁମ୍ବାଇର ରାସ୍ତାରେ ଅନେକ ଥର ଚଳାଉଥିବା ଦେଖାଯାଇଛି, ଯାହା ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ।

# ଅରେଞ୍ଜ କ୍ୟାପ୍ ଦୌଡ଼ରେ ସବୁଠୁ ଆଗରେ ସାଇ ସୁଦର୍ଶନ, ୫ ବ୍ୟାଟ୍‌ରଙ୍କ ମଧ୍ୟରେ ଚାଲିଛି କଡ଼ା ଟକ୍କର

**ନୂଆଦିଲ୍ଲୀ**

ଡବଲ୍ ହେଡର ମୁକାବିଲା ପରେ ଅରେଞ୍ଜ କ୍ୟାପ୍ ଦୌଡ଼ ରୋମାଞ୍ଚକର ହୋଇଛି। ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ପରେ ଅରେଞ୍ଜ କ୍ୟାପ୍ ଦୌଡ଼ରେ ବହୁତ ବଡ଼ ପରିବର୍ତ୍ତନ ହୋଇଛି। ଜିଟିର ଓପନିଂ ବ୍ୟାଟର ସାଇ ସୁଦର୍ଶନ ପୁଣି ଥରେ ଅରେଞ୍ଜ କ୍ୟାପ୍ ନିଜ ପାଖକୁ ଆଣି ପାରିଛନ୍ତି। ସେ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରିବା ସହ ଚଳିତ ସଂସ୍କରଣରେ ୧୨ଟି ମ୍ୟାଚ୍‌ରେ ୬୧୭ ରନ କରିଛନ୍ତି। ଏହି ଶତକୀୟ ଇନିଂସ ଜରିଆରେ ସାଇ ସୁଦର୍ଶନ ରାଜସ୍ଥାନ ରୟାଲ୍ସର ବ୍ୟାଟର ଯଶସ୍ୱୀ ଜୟସ୍ୱାଲଙ୍କୁ ଅରେଞ୍ଜ କ୍ୟାପ୍ ଦୌଡ଼ରେ ପଛରେ ପକାଇଛନ୍ତି। ଜୟସ୍ୱାଲ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ୫୦ ରନ କରି ସୂର୍ଯ୍ୟକୁମାର ଯାଦବଙ୍କଠୁ ଅରେଞ୍ଜ କ୍ୟାପ୍ ଛଡ଼ାଇ ନେଇଥିଲେ। ହେଲେ ଯଶସ୍ୱୀଙ୍କ ପାଖରେ ଅରେଞ୍ଜ କ୍ୟାପ୍ କିଛି ଘଣ୍ଟା ରହିଥିଲା।




ଆଇପିଏଲ୍‌ର ୬୦ତମ ମ୍ୟାଚ୍ ସୁଦ୍ଧା ଅରେଞ୍ଜ କପ୍ ଦୌଡ଼ରେ ଯଶସ୍ୱୀ ବର୍ତ୍ତମାନ ତୃତୀୟ ସ୍ଥାନରେ ଅଛନ୍ତି। ସେ ଚଳିତ ଆଇପିଏଲ୍‌ରେ ୧୩ଟି ମ୍ୟାଚ୍ ଖେଳି ୫୨୩ ରନ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ତାରକା ବ୍ୟାଟର ସୂର୍ଯ୍ୟକୁମାର ଯାଦବ ତାଲିକାରେ ଚତୁର୍ଥ ସ୍ଥାନରେ ଅଛନ୍ତି। ସେ ୧୨ଟି ମ୍ୟାଚ୍‌ରେ ୫୧୦ ରନ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ତାରକା ବ୍ୟାଟର ବିରାଟ କୋହଲି ତାଲିକାରେ ପଞ୍ଚମ ସ୍ଥାନରେ ଅଛନ୍ତି। ସେ ୧୧ଟି ମ୍ୟାଚ୍‌ରେ ୫୦୫ ରନ କରିଛନ୍ତି। ଗୁଜରାଟର ଅଧିନାୟକ ଶୁଭମନ ଗିଲ୍ ୧୨ଟି ମ୍ୟାଚ୍ ଖେଳି ୬୦୧ ରନ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଗିଲ୍ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ୫୩ ବଲ୍‌ରୁ ୯୩ ରନର ଅପରାଜିତ ଇନିଂସ ଖେଳିଛନ୍ତି। ଉଲ୍ଲେଖନୀୟ ଚଳିତ ସିଜିନରେ ବ୍ୟାଟରଙ୍କ ଦବଦବା ଦେଖିବାକୁ ମିଳିଛି। ଜଣେ କି ଦୁଇ ଜଣ ବ୍ୟାଟର ନୁହେଁ, ଏ ପର୍ଯ୍ୟନ୍ତ ୬ ଜଣ ବ୍ୟାଟର ୫୦୦ରୁ ଊର୍ଦ୍ଧ୍ୱ ରନ କରି ସାରିଛନ୍ତି। ଜୋସ ବଟଲର ୧୨ଟି ମ୍ୟାଚ୍‌ରେ ୫୦୦ ରନ କରି ଷଷ୍ଠ ସ୍ଥାନରେ ଅଛନ୍ତି। ପ୍ରତି ମାଚ୍‌ରେ ଅରେଞ୍ଜ କ୍ୟାପ୍ ହୋଲଡ଼ର ବଦଳିବାରେ ଲାଗିଛନ୍ତି। ତେଣୁ ଏବେଠୁ କହିବା ମୁସ୍କିଲ ଯେ, ଆଇପିଏଲ୍ ୨୦୨୫ରେ କେଉଁ ବ୍ୟାଟର ଅରେଞ୍ଜ କ୍ୟାପ୍ ହାତେଇବେ।

ଅରେଞ୍ଜ କ୍ୟାପ୍ ଲିଷ୍ଟ : ସାଇ ସୁଦର୍ଶନ-ମ୍ୟାଚ୍ ୧୨, ୬୧୭ ରନ, ହାର ୫୬.୦୯। ଶୁଭମନ ଗିଲ୍-ମ୍ୟାଚ୍ ୧୨, ୬୦୧ ରନ, ହାର ୬୦.୧୦। ଯଶସ୍ୱୀ ଜୟସ୍ୱାଲ-ମ୍ୟାଚ୍ ୧୩, ୫୨୩ ରନ, ହାର ୪୩.୫୮। ସୂର୍ଯ୍ୟକୁମାର ଯାଦବ-ମ୍ୟାଚ୍ ୧୨, ୫୧୦ ରନ, ହାର ୬୩.୭୫। ବିରାଟ କୋହଲି-ମ୍ୟାଚ୍ ୧୧, ୫୦୫ ରନ, ହାର ୬୩.୧୨। ଜୋସ ବଟଲର-ମ୍ୟାଚ୍ ୧୨, ୫୦୦ ରନ, ହାର ୭୧.୪୨।

# ରୋହିତ ଶର୍ମାଙ୍କୁ ଇଂଲଣ୍ଡ ଗସ୍ତରେ ନେବାକୁ ଚାହୁଁଥିଲା ବିସିସିଆଇ

**ନୂଆଦିଲ୍ଲୀ**

ରୋହିତ ଶର୍ମା ଅଚାନକ କାହିଁକି ଟେଷ୍ଟରୁ ନେଲେ ଅବସର? କ'ଣ ବିସିସିଆଇ ତାଙ୍କୁ ସନ୍ନ୍ୟାସ ନେବା ପାଇଁ କହିଥିଲା? ରିପୋର୍ଟ କହୁଛି ବିସିସିଆଇ ରୋହିତଙ୍କୁ ସ୍ପଷ୍ଟ ଶବ୍ଦରେ ଜଣାଇ ଦେଇଥିଲା ଯେ, ଟେଷ୍ଟ ଟିମ୍‌ରେ ଆପଣଙ୍କ ଆଉ କୌଣସି ଭୂମିକା ନାହିଁ। ଏବେ ଆଉ ଏକ ନ୍ୟୁଜ ରିପୋର୍ଟରେ ଦାବି କରାଯାଇଛି ଯେ, ରୋହିତ ଶର୍ମା ଇଂଲଣ୍ଡ ଗସ୍ତରେ ଯିବାକୁ ଚାହୁଁଥିଲେ। ସେ ମହେନ୍ଦ୍ର ସିଂ ଧୋନୀଙ୍କ ପରି ଅବସର ନେବାକୁ ପ୍ରସ୍ତାବ ରଖିଥିଲେ, ମାତ୍ର ବିସିସିଆଇ ତାଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିଲା। ଏହା ପରେ ହିଟମ୍ୟାନଙ୍କୁ ବାଧ୍ୟ ହୋଇ ଟେଷ୍ଟରୁ ସନ୍ନ୍ୟାସ ଘୋଷଣା କରିବାକୁ ପଡ଼ିଲା। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ଚୟନକର୍ତ୍ତା ସିରିଜ୍‌ରେ ନିରନ୍ତରତା ଚାହୁଁଥିଲେ। ରୋହିତ ଶର୍ମାଙ୍କୁ କୁହାଯାଇଥିଲା ଯେ, ଇଂଲଣ୍ଡ ଗସ୍ତରେ ଆପଣ କେବଳ ଜଣେ ଖେଳାଳି ହିସାବରେ ଯାଇ ପାରିବେ, କିନ୍ତୁ ଅଧିନାୟକ ଭାବେ ନୁହେଁ। ବୋର୍ଡର ଏହି ଆଭିମୁଖ୍ୟ ପରେ ରୋହିତ ଶର୍ମା ଟେଷ୍ଟରୁ ସନ୍ନ୍ୟାସ ନେବାକୁ ଘୋଷଣା କରିଥିଲେ।

# ତିନି ବର୍ଷ ପରେ ଟି-୨୦ ଦଳକୁ ଫେରିବେ କେଏଲ ରାହୁଲ

**ମୁମ୍ବାଇ**

ଆଇପିଏଲ ୨୦୨୫ ଶେଷ ହେବା ପରେ ଭାରତୀୟ ଦଳକୁ ଇଂଲଣ୍ଡ ଗସ୍ତ କରିବାକୁ ଅଛି। ଏହାପରେ ଅଗଷ୍ଟ ମାସରେ ଟିମ୍ ଇଣ୍ଡିଆ ହ୍ୱାଇଟ୍ ବଲ ସିରିଜ୍ ପାଇଁ ବାଂଲାଦେଶ ଗସ୍ତରେ ଯିବ। ଉଭୟ ଦଳ ମଧ୍ୟରେ ୩ଟି ଦିନିକିଆ ଏବଂ ୩ଟି ଟି-୨୦ ମ୍ୟାଚ୍ ଖେଳାଯିବ। ଏବେ ଏକ ମିଡ଼ିଆ ରିପୋର୍ଟରେ ଦାବି କରାଯାଇଛି ଯେ ଆଇପିଏଲ ୨୦୨୫ରେ ଦମଦାର ପ୍ରଦର୍ଶନ ଯୋଗୁଁ ରାହୁଲଙ୍କୁ ବାଂଲାଦେଶ ବିପକ୍ଷ ଟି-୨୦ ସ୍କ୍ୱାଡ୍‌ରେ ସ୍ଥାନ ମିଳିପାରେ। ଉଲ୍ଲେଖଯୋଗ୍ୟ, ଗତ ପ୍ରାୟ ୨ ବର୍ଷ ଧରି ରାହୁଲ କେବଳ ଦିନିକିଆ ଏବଂ ଟେଷ୍ଟ ମ୍ୟାଚ ଖେଳୁଥିବା ଦେଖାଯାଇଛି।



ଟାଇମ୍ସ ଅଫ୍ ଇଣ୍ଡିଆ ଅନୁଯାୟୀ, କେଏଲ ରାହୁଲଙ୍କୁ ବାଂଲାଦେଶ ବିପକ୍ଷ ଟି-୨୦ ସ୍କ୍ୱାଡ୍‌ରେ ସ୍ଥାନ ମିଳିପାରେ। ରାହୁଲ, ଯିଏ ୨୦୨୨ ନଭେମ୍ବର ପରେ ଭାରତ ପାଇଁ କୌଣସି ଟି-୨୦ ମ୍ୟାଚ୍ ଖେଳି ନାହାନ୍ତି। ସାଧାରଣତଃ ରାହୁଲ ତାଙ୍କ ଷ୍ଟ୍ରାଇକ ରେଟ ପାଇଁ ଟ୍ରୋଲ ହେଉଛନ୍ତି, କିନ୍ତୁ ଆଇପିଏଲ ୨୦୨୫ରେ ପ୍ରଦର୍ଶନ ଦ୍ୱାରା ସେ ତାଙ୍କ ଆଲୋଚକମାନଙ୍କ ମୁହଁ ବନ୍ଦ କରି ଦେଇଛନ୍ତି।

ଆଇପିଏଲ ୨୦୨୫ରେ କେଏଲ ରାହୁଲ ୧୧ଟି ମ୍ୟାଚରେ ୬୧.୬୩ର ଚମତ୍କାର ହାରାହାରି ସହ ୪୯୩ ରନ୍ ସଂଗ୍ରହ କରିଛନ୍ତି। ଏହି ସିଜନରେ ତାଙ୍କ ବ୍ୟାଟରୁ ଗୋଟିଏ ଶତକ ଏବଂ ୩ଟି ଅର୍ଦ୍ଧଶତକ ମଧ୍ୟ ବାହାରିଛି। ସବୁଠାରୁ ଲକ୍ଷ୍ୟଣୀୟ ବିଷୟ ହେଉଛି ରାହୁଲ ଆଇପିଏଲ ୨୦୨୫ରେ ୧୪୮ର ଉତ୍କୃଷ୍ଟ ଷ୍ଟ୍ରାଇକ୍ ରେଟରେ ବ୍ୟାଟିଂ କରିଛନ୍ତି। ଏହି ରିପୋର୍ଟରେ କୁହାଯାଇଛି ଯେ ଏହି ଉତ୍କୃଷ୍ଟ ବ୍ୟାଟିଂ ଯୋଗୁଁ ଚୟନକର୍ତ୍ତାମାନେ ତାଙ୍କଠାରୁ ପ୍ରଭାବିତ ହୋଇଛନ୍ତି।

କେଏଲ ରାହୁଲ ଶେଷ ଥର ପାଇଁ ୨୦୨୨ ଟି-୨୦ ବିଶ୍ୱକପରେ ଭାରତ ପାଇଁ ଟି-୨୦ ମ୍ୟାଚ୍ ଖେଳିଥିଲେ। ସେହି ସମୟରେ ବିଶ୍ୱକପର ସେମିଫାଇନାଲରେ ସେ ଇଂଲଣ୍ଡ ବିପକ୍ଷରେ ମାତ୍ର ୫ ରନ୍ କରି ଆଉଟ ହୋଇଥିଲେ। ଯଦି ରାହୁଲ ବାଂଲାଦେଶ ବିପକ୍ଷ ସିରିଜରେ ପ୍ରତ୍ୟାବର୍ତ୍ତନ କରନ୍ତି, ତେବେ ସେ ୧,୦୨୧ ଦିନ ପରେ ଭାରତ ପାଇଁ ଟି-୨୦ ମ୍ୟାଚ୍ ଖେଳିବେ। ରାହୁଲଙ୍କ ସମ୍ପୂର୍ଣ୍ଣ ଟି-୨୦ କ୍ୟାରିଅର ଉପରେ ଦୃଷ୍ଟି ଦେଲେ, ସେ ଏପର୍ଯ୍ୟନ୍ତ ୭୨ଟି ମ୍ୟାଚ୍‌ରେ ୨,୨୬୫ ରନ୍ ସଂଗ୍ରହ କରିଛନ୍ତି। ଏହି ଫର୍ମାଟରେ ରାହୁଲ ୨ଟି ଶତକ ଏବଂ ୨୨ଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି।

# ଧୋନୀଙ୍କୁ ଯେ ପର୍ଯ୍ୟନ୍ତ ଇଚ୍ଛା ସେ ପର୍ଯ୍ୟନ୍ତ ଖେଳି ପାରିବେ : ଭଜି

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ ଅଫ ସ୍ପିନର ହରଭଜନ ସିଂ ସର୍ବଦା ନିଜର ସ୍ପଷ୍ଟବାଦୀ ପାଇଁ ପରିଚିତ। ଏବେ ସେ ବିରାଟ କୋହଲିଙ୍କୁ ନେଇ ଏମିତି କିଛି ଟିପ୍ପଣୀ କରିଛନ୍ତି, ଯାହା ତାଙ୍କ ପ୍ରଶଂସକଙ୍କୁ ଖରାପ ଲାଗିଛି। କେବଳ ଏତିକି ନୁହେଁ ହରଭଜନ ନିଜ ବୟାନରେ ଏମଏସ ଧୋନୀଙ୍କ ନାଁ ମଧ୍ୟ ନେଇଛନ୍ତି। ଏହା ପରେ ସାମାଜିକ ଗଣମାଧ୍ୟମରେ ଚହଳ ପଡ଼ିଛି। ବିରାଟ କୋହଲିଙ୍କ ପ୍ରଶଂସକ ସାମାଜିକ ଗଣମାଧ୍ୟମରେ ହରଭଜନ ସିଂଙ୍କୁ ଟାର୍ଗେଟ୍ କରିଛନ୍ତି। ପ୍ରଶଂସକଙ୍କ କହିବା କଥା ପୂର୍ବତନ ଅଫସ୍ପିନର ବିରାଟ କୋହଲିଙ୍କୁ ଟାର୍ଗେଟ୍ କରିଛନ୍ତି।



ହରଭଜନ ସିଂଙ୍କ ଏହି ପ୍ରତିକ୍ରିୟା ଆରସିବି ଓ କେକେଆର ମ୍ୟାଚ୍ ସମୟରେ ଆସିଛି। କମେଣ୍ଟ୍ରିବକ୍ସରେ ଧୋନୀଙ୍କ ଆଇପିଏଲ୍ ଭବିଷ୍ୟତକୁ ନେଇ ଆଲୋଚନା ଚାଲିଥିଲା। କିଛି ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ, ଧୋନୀ ଆଉ ଏକ ଆଇପିଏଲ୍ ସିଜିନ ଖେଳିପାରନ୍ତି। ଏହା ପରେ ହରଭଜନ ସ୍ଟାରସ୍ପୋର୍ଟ୍ସରେ କହିଛନ୍ତି, ଧୋନୀଙ୍କୁ ଯେ ପର୍ଯ୍ୟନ୍ତ ଇଚ୍ଛା ସେ ପର୍ଯ୍ୟନ୍ତ ଖେଳି ପାରିବେ। ଏହା ପରେ ପ୍ରଶଂସକଙ୍କୁ ଆଲୋଚନା ନେଇ ହୋଇଥିଲା। ଏହା ଉପରେ ହରଭଜନ କହିଛନ୍ତି, କେବଳ ଧୋନୀଙ୍କ ପାଖରେ ପ୍ରକୃତ ପ୍ରଶଂସକ ଅଛନ୍ତି। ବାକି ଲୋକଙ୍କ ପାଖରେ ତ ପେଡ୍ ପ୍ରଶଂସକ ଏବଂ ପିଆର ଅଛନ୍ତି।

ହରଭଜନ କହିଛନ୍ତି, ବାସ୍ତବରେ ଧୋନୀଙ୍କ ପାଖରେ ହିଁ ବାସ୍ତବିକ ପ୍ରଶଂସକ ଅଛନ୍ତି। ବାକି ଲୋକଙ୍କର ତ କେବଳ ସୋସିଆଲ ମିଡିଆରେ ପ୍ରଶଂସକ ଅଛନ୍ତି। ଏପରିକି ଭଜି କହିଛନ୍ତି ଯେ, ଅଧିକାଂଶ ଖେଳାଳିଙ୍କ ସର୍ବଦା ପେଡ୍ ଫ୍ୟାନ୍ ଅଛନ୍ତି। ତେଣୁ ଏସବୁ କଥାକୁ ଛାଡ଼ି ଦିଅନ୍ତୁ। ଯଦି ମୁଁ କହିବା ଆରମ୍ଭ କରିବି ତେବେ କଥା ଅନ୍ୟ ଦିଗକୁ ଚାଲିଯିବ। ଏହି ସମୟରେ ଆକାଶ ଚୋପ୍ରା ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ହରଭଜନଙ୍କ କଥା ଶୁଣି ସେ ବି ଚକିତ ହୋଇଗଲେ ଏବଂ କହିଛନ୍ତି ଭଜି ଏତେ ସତ କଥା କହିବାର ନ ଥିଲା। ହରଭଜନଙ୍କ ଏମିତି ଟିପ୍ପଣୀକୁ ନେଇ ଲୋକେ ତାଙ୍କ ଉପରେ କ୍ଷୁବ୍ଧ ଅଛନ୍ତି। ପ୍ରଶଂସକ କହିଛନ୍ତି ଯେ, ହରଭଜନ ପରୋକ୍ଷରେ କୋହଲିଙ୍କୁ ଟାର୍ଗେଟ୍ କରିଛନ୍ତି।

# ଏମ୍‌କେସିଜିରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ସଙ୍ଗୀନ ଅଭିଯୋଗ : ନିର୍ଦ୍ଦିଷ୍ଟ ଡାଏଗ୍ନୋଷ୍ଟିକ୍ ସେଣ୍ଟରରେ ପରୀକ୍ଷା ପାଇଁ ବାଧ୍ୟ କରୁଛନ୍ତି ଡାକ୍ତର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ମେଡ଼ିକାଲ୍‌କୁ ଆସୁଥିବା ରୋଗୀଙ୍କ ବିଭିନ୍ନ ପରୀକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଦାନ ଯୋଜନାରେ ମାଗଣା ପରୀକ୍ଷାର ସୁବିଧା ରହିଛି। କିନ୍ତୁ ଏମ୍‌କେସିଜିରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଡାକ୍ତରଖାନାରେ ମାଗଣା ଟିଫା ସ୍କାନିଂର ସୁବିଧା ରହିଥିବା ବେଳେ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର କିଛି ଡାକ୍ତର ରୋଗୀଙ୍କୁ ଏଥିପାଇଁ ନିର୍ଦ୍ଦିଷ୍ଟ ଏକ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟରରେ ପରୀକ୍ଷା କରିବାକୁ ପରାମର୍ଶ ଦେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗକୁ ନେଇ ଜଣେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଏମ୍‌କେସିଜି ମେଡ଼ିକାଲ୍‌ର ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ହୁମ୍ମାର ପ୍ରଜ୍ଞା ପରିଡ଼ା ଗର୍ଭବତୀ ଥିବା ବେଳେ ସେ ଚଳିତ ମାସ ୫ ତାରିଖରେ ଏମ୍‌କେସିଜି ମେଡ଼ିକାଲ୍‌ର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ଓପିଡ଼ିକୁ ଚିକିତ୍ସା ନିମନ୍ତେ ଆସିଥିଲେ। ସେଠାରେ ଡ଼ାକ୍ତର ପ୍ରଜ୍ଞାଙ୍କୁ ଚିକିତ୍ସା କରିବା ସହ ଟିଫା ସ୍କାନିଂ ଓ ଅଲଟ୍ରାସାଉଣ୍ଡ କରିବା ପାଇଁ ପରାମର୍ଶ ଦେଇଥିଲେ। ସାଧାରଣତଃ ଗର୍ଭଧାରଣର ୧୮ ରୁ ୨୨ ସପ୍ତାହ ମଧ୍ୟରେ ଟିଫା ସ୍କାନିଂ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ଏହି ପରୀକ୍ଷା ଗର୍ଭବତୀଙ୍କ ଗର୍ଭରେ ଥିବା ଶିଶୁଟିର ବିକାଶ ସ୍ୱାଭାବିକ ରହିଛି କି ନାହିଁ ତାହା ନିଶ୍ଚିତ କରିବା ଏବଂ ଯେକୌଣସି ସମ୍ଭାବ୍ୟ ସମସ୍ୟା ଚିହ୍ନଟ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଉକ୍ତ ପରୀକ୍ଷା ମେଡ଼ିକାଲ୍‌ରେ ନିଃଶୁଳ୍କ ହେଉଥିଲେ ହେଁ ଡାକ୍ତର ଜଣକ ଘରୋଇ ଡାଏଗ୍ନୋଷ୍ଟିକ୍‌ରେ କରିବାକୁ କହିଥିବା ରୋଗୀ ଅଭିଯୋଗ କରିଛନ୍ତି। ପରେ ରୋଗୀ ଜଣକ ଅନ୍ୟ ଏକ ଘରୋଇ ଡାଏଗ୍ନୋଷ୍ଟିକ୍ ସେଣ୍ଟରରେ ପରୀକ୍ଷା କରି ରିପୋର୍ଟ ଓପିଡିରେ ଥିବା ଅନ୍ୟ ଜଣେ ଡାକ୍ତରଙ୍କୁ ଦେଖାଇଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ଘରୋଇ ଡାଏଗ୍ନୋଷ୍ଟିକ୍‌ରେ କାହିଁକି ପରୀକ୍ଷା କରାଯାଇ ନାହିଁ ବୋଲି କୁଆଡ଼େ ଡାକ୍ତର ଜଣକ ରୋଗୀଙ୍କୁ ପ୍ରଶ୍ନ କରିଥିଲେ।

# ପ୍ଲେ ଅଫ୍‌ରୁ ବିଦା ହେବା ପରେ ଆସିଲା ଏଲଏସଜି ମାଲିକ ସଞ୍ଜୀବ ଗୋଏଙ୍କାଙ୍କ ପ୍ରତିକ୍ରିୟା

**ନୂଆଦିଲ୍ଲୀ**

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ପରାସ୍ତ ହୋଇ ଆଇପିଏଲ୍ ୨୦୨୫ର ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି ଲକ୍ଷ୍ନୌ ସୁପର ଜାଏଣ୍ଟସ। ଅଭିଷେକ ଶର୍ମାଙ୍କ ଧୂଆଁଧାର ଅର୍ଦ୍ଧଶତକ ଏବଂ ହେନରିକ କ୍ଲାସେନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ହାଇଦ୍ରାବାଦ ୬ ୱିକେଟ୍‌ରେ ଲକ୍ଷ୍ନୌକୁ ହରାଇଛି। ଲିଗ୍ ପର୍ଯ୍ୟାୟରେ ଆଉ ଦୁଇଟି ମ୍ୟାଚ୍ ବାକି ଥିଲେ ମଧ୍ୟ ପ୍ଲେ ଅଫ୍‌ରୁ ବିଦା ହୋଇ ସାରିଛି ଲକ୍ଷ୍ନୌ। ନିଜ ଦଳର ପ୍ରଦର୍ଶନକୁ ନେଇ ଏବେ ଫ୍ରାଞ୍ଚାଇଜର ମାଲିକ ସଞ୍ଜୀବ ଗୋଏଙ୍କା ପ୍ରତିକ୍ରିୟା ଦେଇଛନ୍ତି।

ସେ ସାମାଜିକ ଗଣମାଧ୍ୟମରେ ଭାବୁକଭରା ସନ୍ଦେଶ ଦେଇ ଲେଖିଛନ୍ତି, 'ସିଜିନର ଦ୍ୱିତୀୟ ପର୍ଯ୍ୟାୟ ଆମ ପାଇଁ କଠିନକର ରହିଲା। ମାତ୍ର ଏହି ସମୟରେ ଆମେ କିଛି ଦିଗରେ ଭଲ ପ୍ରଦର୍ଶନ କରିଛୁ, ଯେଉଁଥିରେ ଆମର ସାହସ ଓ ଉତ୍ସାହ ବଢିବ। ଏହା ଆମକୁ ଆଗକୁ ଯିବା ପାଇଁ ପ୍ରୋତ୍ସାହିତ କରିବ। ଏବେ ଆହୁରି ଦୁଇଟି ମ୍ୟାଚ୍ ବାକି ରହିଛି। ଚାଲନ୍ତୁ ଗୌରବର ସହିତ ଖେଳି ଭଲ ସ୍ମୃତି ସହ ସିଜିନର ସମାପନ କରିବା।'

ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଆଇପିଏଲ୍ ୨୦୨ର ଦ୍ୱିତୀୟ ପର୍ଯ୍ୟାୟ ବାସ୍ତବରେ କଠିନଭରା ଥିଲା। ଏଲଏସଜି ସିଜିନର ପ୍ରଥମ ୬ଟି ମ୍ୟାଚ୍‌ରୁ ୪ଟି ଜିତିଥିଲା। ମାତ୍ର ପରବର୍ତ୍ତୀ ୬ଟି ମ୍ୟାଚ୍‌ରୁ ଦଳ କେବଳ ଗୋଟିଏ ମ୍ୟାଚ୍ ଜିତି ପାରିଛି।



ଲକ୍ଷ୍ନୌ ଗତ ଚାରୋଟି ମ୍ୟାଚ୍ ହାରି ପ୍ଲେ ଅଫ୍‌ରୁ ବିଦା ହୋଇଛି। ଏବେ ଦଳ ନିଜର ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଗୁଜରାଟ ଟାଇଟନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଖେଳିବ।

ଆଇପିଏଲ ଇତିହାସରେ ଏଲଏସଜିର ପ୍ଲେ ଅଫ୍ ରେକର୍ଡ : ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୦୨୨ ସଂସ୍କରଣରେ ଆଇପିଏଲ୍‌ରେ ପାଦ ଥାପିଥିଲା। ୨୦୨୨ ଓ ୨୦୨୩ରେ ଦଳ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ହେଲେ ଦୁଇଥର ଏଲିମିନେଟରରେ ଦଳ ପରାଜିତ ହୋଇଥିଲା। ଗତ ଦୁଇଟି ସିଜିନରେ ଦଳ ଅକଥ ପ୍ରୟାସ ପରେ ବି ପ୍ଲେ ଅଫ୍ ଯିବାରେ ବିଫଳ ହୋଇଛି। ଉଲ୍ଲେଖନୀୟ ଆଇପିଏଲ୍ ୨୦୨୫ରେ ଲକ୍ଷ୍ନୌ ଦଳର ଅଧିନାୟକ ଋଷଭ ପନ୍ତ ଶୋଚନୀୟ ପ୍ରଦର୍ଶନ କରିଛନ୍ତି। ସେ ୧୨ଟି ମ୍ୟାଚ୍‌ରେ ମାତ୍ର ୧୩୫ ରନ କରି ଦଳ ପରାଜୟର ମୁଖ୍ୟ କାରଣ ପାଲଟିଛନ୍ତି।

# ଲାଞ୍ଚ ନେବା ଅଭିଯୋଗ : ପୂର୍ବତନ ଆଇଆଇସି ସମେତ ୨ ପୋଲିସ ନିଲମ୍ବିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଜଣେ ନିର୍ମାଣକାରୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଡିଜିପି ୱାଇ.ବି. ଖୁରାନିଆ ମଙ୍ଗଳବାର ଦୁଇ ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। ଡିଜିପି ଇନ୍ସପେକ୍ଟର ରଞ୍ଜନ ବିଶ୍ୱାଳ ଏବଂ ସବ୍-ଇନ୍ସପେକ୍ଟର ଅଭିଷେକ ପ୍ରଧାନଙ୍କ ବିରୁଦ୍ଧରେ ଅଭିଯୋଗ ପାଇବା ପରେ ନିଲମ୍ବନ ଆଦେଶ ଜାରି କରିଛନ୍ତି। ଡିଜିପିଙ୍କ ଆଦେଶ ଅନୁସାରେ, ଏହି ଦୁଇ ପୁଲିସ କର୍ମଚାରୀ ନିଲମ୍ବନ ଅବଧି ମଧ୍ୟରେ ଉତ୍ତରାଞ୍ଚଳ ଆଇଜିପିଙ୍କ ନିକଟରେ ରିପୋର୍ଟ କରିବେ। ଏମାନେ ସମ୍ବଲପୁର ପୁଲିସ ମୁଖ୍ୟାଳୟରେ କାର୍ଯ୍ୟ କରୁଥିଲେ। ବିଶ୍ୱାଳ ସମ୍ବଲପୁର ପୁଲିସ ଷ୍ଟେସନରେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ବିରୁଦ୍ଧରେ ଲାଞ୍ଚ ନେବା ଅଭିଯୋଗ ଉଠିଥିଲା।


# ୨୨ରେ ରାଜସ୍ଥାନରେ ୨୬,୦୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୨ ମଇରେ ରାଜସ୍ଥାନ ଗସ୍ତ କରିବେ। ସେ ସକାଳ ପ୍ରାୟ ୧୧ଟାରେ ବିକାନେର ଯିବେ ଏବଂ ଦେଶନୋକରେ କରଣୀ ମାତା ମନ୍ଦିର ପରିଦର୍ଶନ କରିବେ।

ଏହା ବ୍ୟତୀତ, ପ୍ରାୟ ୧୧:୩୦ ସମୟରେ, ପ୍ରଧାନମନ୍ତ୍ରୀ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପୁନଃବିକଶିତ ଦେଶନୋକ ଷ୍ଟେସନର ଉଦଘାଟନ କରିବେ ଏବଂ ବିକାନେର–ମୁମ୍ବାଇ ଏକ୍ସପ୍ରେସ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହା ପରେ, ପ୍ରଧାନମନ୍ତ୍ରୀ ୨୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ ଏବଂ ସେଗୁଡ଼ିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ଏବଂ ପଲାନାରେ ଏକ ସାଧାରଣ କାର୍ଯ୍ୟକ୍ରମରେ ମଧ୍ୟ ଉଦ୍‌ବୋଧନ ଦେବେ।

ଦେଶରେ ରେଳ ଭିତ୍ତିଭୂମିର ନିରନ୍ତର ଉନ୍ନତି ପାଇଁ ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୬ଟି ଜିଲ୍ଲାରେ ୧୧୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ୧୦୩ଟି ପୁନଃବିକଶିତ ଅମୃତ ଷ୍ଟେସନର ଉଦ୍‌ଘାଟନ କରିବେ। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ, ଆଞ୍ଚଳିକ ସ୍ଥାପତ୍ୟକୁ ପ୍ରତିଫଳିତ କରିବା ଏବଂ ଯାତ୍ରୀ ସୁବିଧାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ଆଧୁନିକ ସୁବିଧା ସହିତ ୧,୩୦୦ ରୁ ଅଧିକ ଷ୍ଟେସନକୁ ପୁନଃବିକଶିତ କରାଯାଉଛି। କରଣୀ ମାତା ମନ୍ଦିର ପରିଦର୍ଶନରେ ଆସୁଥିବା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କୁ ସେବା ଯୋଗାଇ ଦେଉଥିବା ଦେଶନୋକ ରେଳ ଷ୍ଟେସନ ମନ୍ଦିର ସ୍ଥାପତ୍ୟ, ତୋରଣ ଏବଂ ସ୍ତମ୍ଭ ଥିମ୍ ଦ୍ୱାରା ଅନୁପ୍ରାଣିତ। ତେଲେଙ୍ଗାନାର ବେଗମପେଟ୍ ରେଳ ଷ୍ଟେସନ୍ କାକତିୟ ସାମ୍ରାଜ୍ୟର ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ। ବିହାରର ଥାୱେ ଷ୍ଟେସନରେ ୫୨ ଶକ୍ତିପୀଠ ମଧ୍ୟରୁ ଗୋଟିଏ ମା ଥାୱେୱାଲିଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ କାନ୍ଥଚିତ୍ର ଏବଂ କଳାକୃତି ରହିଛି ଏବଂ ମଧୁବାନୀ ଚିତ୍ରକଳା ମଧ୍ୟ ଦର୍ଶାଯାଇଛି। ଗୁଜୁରାଟର ଡାକୋର ଷ୍ଟେସନ ରାଞ୍ଛୋଡ୍ରାଇ ଜୀ ମହାରାଜଙ୍କ ଦ୍ୱାରା ଅନୁପ୍ରାଣିତ। ଦେଶବ୍ୟାପୀ ପୁନଃବିକଶିତ ଇଗଜଟଞ୍ଚ ଷ୍ଟେସନଗୁଡ଼ିକ ଆଧୁନିକ ଭିତ୍ତିଭୂମିକୁ ସାଂସ୍କୃତିକ ଐତିହ୍ୟ, ଦିବ୍ୟାଙ୍ଗଜନଙ୍କ ପାଇଁ ଯାତ୍ରୀ–କୈନ୍ଦ୍ରିକ ସୁବିଧା ଏବଂ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ସ୍ଥାୟୀ ଅଭ୍ୟାସ ସହିତ ସମନ୍ୱିତ କରିଛି।



ଭାରତୀୟ ରେଳବାଇ ଏହାର ନେଟୱାର୍କର ୧୦୦ ପ୍ରତିଶତ ବିଦ୍ୟୁତୀକରଣ ଦିଗରେ ଅଗ୍ରସର ହେଉଛି, ଯାହା ରେଳ ପରିଚାଳନାକୁ ଅଧିକ ଦକ୍ଷ ଏବଂ ପରିବେଶ ଅନୁକୂଳ କରିଥାଏ। ସମାନ କ୍ରମରେ, ପ୍ରଧାନମନ୍ତ୍ରୀ ଚୁରୁ-ସଦରପୁର ରେଳ ଲାଇନ (୫୮ କିଲୋମିଟର) ଏବଂ ସୁରତଗଡ଼–ଫାଲୋଡି (୩୩୬ କିଲୋମିଟର)ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ; ଫୁଲେରା–ଡେଗାନା (୧୦୯ କିମି); ଉଦୟପୁର–ହିମ୍ମତନଗର (୨୧୦ କିମି); ଫାଲୋଡି–ଜୈସଲମେର (୧୫୭ କିଲୋମିଟର) ଏବଂ ସମଦାରୀ–ବାଡ଼ମେର (୧୨୯ କିଲୋମିଟର) ରେଳ ଲାଇନର ବିଦ୍ୟୁତୀକରଣକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ।

ରାଜସ୍ଥାନରେ ସଡ଼କ ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ, ପ୍ରଧାନମନ୍ତ୍ରୀ ୩ଟି ଯାନବାହନ ଅଣ୍ଡରପାସ୍ ନିର୍ମାଣ, ଜାତୀୟ ରାଜପଥର ପ୍ରଶସ୍ତୀକରଣ ଏବଂ ସୁଦୃଢ଼ୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେ ରାଜସ୍ଥାନରେ ୭ଟି ସଡ଼କ ପ୍ରକଳ୍ପ ମଧ୍ୟ ଲୋକାର୍ପଣ କରିବେ। ୪୮୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏହି ରାସ୍ତା ପ୍ରକଳ୍ପଗୁଡ଼ିକ ସାମଗ୍ରୀ ଏବଂ ଲୋକଙ୍କ ସୁଗମ ପରିବହନକୁ ସହଜ କରିବ। ଏହି ରାଜପଥଗୁଡ଼ିକ ଭାରତ–ପାକ୍ ସୀମା ପର୍ଯ୍ୟନ୍ତ ବ୍ୟାପ୍ତ, ସୁରକ୍ଷା ବାହିନୀ ପାଇଁ ଗତି ସହଜ କରିବା ଏବଂ ଭାରତର ପ୍ରତିରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବ।

ସମସ୍ତଙ୍କୁ ବିଦ୍ୟୁତ୍ ଏବଂ ସବୁଜ ଏବଂ ସ୍ୱଚ୍ଛ ଶକ୍ତି ଯୋଗାଇବାର ଦୃଷ୍ଟିକୋଣକୁ ଆଗକୁ ନେଇ, ପ୍ରଧାନମନ୍ତ୍ରୀ ବିକାନେର ଏବଂ ନୱା, ଡିଡୱାନା, କୁଚାମନରେ ସୌର ପ୍ରକଳ୍ପ ସମେତ ବିଦ୍ୟୁତ୍ ପ୍ରକଳ୍ପ ଏବଂ ପାର୍ଟ ବି ପାୱାରଗ୍ରୀଡ୍ ସିରୋହି ଟ୍ରାନ୍ସମିସନ୍ ଲିମିଟେଡ୍ ଏବଂ ପାର୍ଟ ଇ ପାୱାରଗ୍ରୀଡ୍ ମେୱାର ଟ୍ରାନ୍ସମିସନ୍ ଲିମିଟେଡର ବିଦ୍ୟୁତ୍ ନିଷ୍କାସନ ପାଇଁ ପରିବହନ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେ ବିକାନେରରେ ସୌର ପ୍ରକଳ୍ପ, ପାୱାରଗ୍ରୀଡ୍ ନିମୁଚ୍ ଏବଂ ବିକାନେର କମ୍ପ୍ଲେକ୍ସରୁ ଖାଲି କରିବା ପାଇଁ ପରିବହନ ବ୍ୟବସ୍ଥା, ଫତେଗଡ଼–॥ ବିଦ୍ୟୁତ୍ କେନ୍ଦ୍ରରେ ପରିବର୍ତ୍ତନ କ୍ଷମତାର ବିସ୍ତାର ସମେତ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ମଧ୍ୟ ଉଦଘାଟନ କରିବେ, ଯାହା ସ୍ୱଚ୍ଛ ଶକ୍ତି ପ୍ରଦାନ କରିବ ଏବଂ କାର୍ବନ ନିର୍ଗମନ ହ୍ରାସ କରିବ।

ପ୍ରଧାନମନ୍ତ୍ରୀ ରାଜସ୍ଥାନରେ ରାଜ୍ୟ ସରକାରଙ୍କ ୨୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରି ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ଯାହା ଦ୍ୱାରା ରାଜ୍ୟରେ ଭିତ୍ତିଭୂମି, ଯୋଗାଯୋଗ, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ସେବା ଏବଂ ଜଳ ଉପଲବ୍ଧତା ବୃଦ୍ଧି ପାଇବ। ଏଥିରେ ୩,୨୪୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ୭୫୦ କିଲୋମିଟରରୁ ଅଧିକ ଲମ୍ବ ବିଶିଷ୍ଟ ୧୨ଟି ରାଜ୍ୟ ରାଜପଥର ଉନ୍ନତିକରଣ ଏବଂ ରକ୍ଷଣାବେକ୍ଷଣ ପାଇଁ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ ଅନ୍ତର୍ଭୁକ୍ତ। ଏଥିରେ ଅତିରିକ୍ତ ୯୦୦ କିଲୋମିଟର ନୂତନ ରାଜପଥ ମଧ୍ୟ ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ମୋଦୀ ବିକାନେର ଏବଂ ଉଦୟପୁରରେ ବିଦ୍ୟୁତ ପ୍ରକଳ୍ପ ଉଦଘାଟନ କରିବେ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୧ ମଇ ୨୦୨୫ ବୁଧବାର





# ଓବିସି ସଂରକ୍ଷଣ ଉପରେ କହିବା ପାଇଁ ବିଜେଡି ଓ କଂଗ୍ରେସର ନୈତିକତା ନାହିଁ : ମନମୋହନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓବିସି ସଂରକ୍ଷଣ ପ୍ରସଙ୍ଗରେ ବିଜେଡ଼ି ଓ କଂଗ୍ରେସର ଆନ୍ଦୋଳନ ପୂର୍ବରୁ ବର୍ଷିଲେ ମନମୋହନ ସାମଲ। ଓବିସି ସଂରକ୍ଷଣ ଉପରେ କହିବା ଲାଗି ସେମାନଙ୍କର ନୈତିକତା ନାହିଁ ବୋଲି ସେ କହିଛନ୍ତି। ଇତିହାସକୁ ପଢନ୍ତୁ ବିରୋଧୀ। ସେମାନଙ୍କ ଆନ୍ଦୋଳନକୁ ଲୋକ ଗ୍ରହଣ କରିବେ ନାହିଁ। ମନମୋହନ ସାମଲ କହିଛନ୍ତି ଯେ, ବିଧାନସଭାରେ କିଛି ତଥାକଥିତ ନେତା ବିରୋଧ ପାଇଁ ବିରୋଧ କରୁଥିଲେ। ସେମାନେ ଆଇନାରେ ନିଜ ମୁହଁ ଦେଖିବା ଉଚିତ। ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦେବା କ୍ଷେତ୍ରରେ ତାଙ୍କର ଭୂମିକା କଣ ଥିଲା। ମଣ୍ଡଳ କମିଶନ ବିରୋଧରେ ପଛୁଆ ବର୍ଗଙ୍କୁ ବଞ୍ଚିତ କରିବା ପାଇଁ ବିଜୁ ବାବୁ ସୁପ୍ରିମକୋର୍ଟ ଯାଇଥିଲେ। ପରେ କେବଳ ସମର୍ଥନ କରିବାର ଡିଣ୍ଡିମ ପିଟିଥିଲେ।



ମନମୋହନ ସାମଲ କହିଛନ୍ତି ଯେ, କିନ୍ତୁ କଂଗ୍ରେସ ଓ ବିଜେଡ଼ି ଲମ୍ବା ସମୟ ଧରି ସରକାରରେ ରହି ମଧ୍ୟ ଲାଗୁ କରିପାରିଲେ ନାହିଁ। ଯେଉଁମାନେ ବିଧାନସଭାରେ ବିରୋଧ କରୁଥଲେ, ସେମାନଙ୍କୁ ଲୋକ ଜାଣିଛନ୍ତି । ୧୧.୨୫ ଲାଗୁ କରିବାରେ ଅସୁବିଧା କ'ଣ ଥିଲା, କାହିଁକି କରୁନଥିଲେ? ସେମାନେ ସାମାଜିକ ଅପରାଧ କରିଛନ୍ତି, ସେମାନଙ୍କୁ ଉପେକ୍ଷା କରିଛନ୍ତି। କେବଳ କୁମ୍ଭୀର କାନ୍ଦଣା କରିଛନ୍ତି। କିଛି କରିନାହାନ୍ତି କହି ବର୍ଷିଛନ୍ତି ମନମୋହନ ସାମଲ।

ପଛୁଆ ବର୍ଗ କେତେ ଅଛନ୍ତି, ତାହା ଘୋଷଣା ବି କଲେ ନାହିଁ। କଂଗ୍ରେସ ଓ ବିଜେଡି ଲମ୍ବା ସରକାରରେ ରହିଲେ ତଥାପି କଲେ ନାହିଁ। କରିବାର ଆଗ୍ରହ ନଥିଲା, ଇଛା ଶକ୍ତି ନଥିଲା। ୨୭ ପ୍ରତିଶତ ନହେଲେ ଲାଗୁ କରିପାରିବୁ ନାହିଁ ବୋଲି ବିଧାନସଭାରେ କହୁଥିଲେ। ଯେଉଁମାନେ ବିରୋଧ କରୁଥଲେ, ସେମାନେ ବର୍ତ୍ତମାନ ବିଭିନ୍ନ ଟୀକାଟିପ୍ପଣୀ କରି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଆଜି ଯାଏଁ ସଂରକ୍ଷଣ କରିପାରିଲେ ନାହିଁ। ଲୋକ ଲମ୍ବା ସମୟ ଧରି କଂଗ୍ରେସ ଓ ବିଜେଡ଼ିକୁ ସରକାରରେ ରଖିଲେ, କିନ୍ତୁ କଲେ ନାହିଁ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମନମୋହନ ସାମଲ । ସଂକଳ୍ପ ପତ୍ରକୁ କାର୍ଯ୍ୟକାରୀ କରିଛନ୍ତି । ଆଗକୁ ମଧ୍ୟ ସବୁ ସଂକଳ୍ପ ପାଳନ ହେବ ବୋଲି ସେ କହିଛନ୍ତି ।

# ପ୍ରମୁଖ ପ୍ରତିରକ୍ଷା ପ୍ରତିଷ୍ଠାନକୁ ଉନ୍ନତ ବିଜୁଳି ସେବା ଯୋଗାଉଛି ଟିପିଏସ୍‌ଓଡିଏଲ୍

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଟିପିଏସ୍‌ଓଡିଏଲ୍ ପକ୍ଷରୁ ଗୋପାଳପୁର ସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜକୁ ସଂଯୋଗ ହୋଇଥିବା ୩୩ କେଭି ବିଦ୍ୟୁତ ଲାଇନର ଉନ୍ନତିକରଣ କରାଯାଇଛି। ଯାହା ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଅନୁଷ୍ଠାନକୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ।

ଓଡ଼ିଶା ଉପକୂଳରେ ଥିବା ଆର୍ମି ଏୟାର ଡିଫେନ୍ସ କଲେଜ ଭାରତୀୟ ପ୍ରତିରକ୍ଷା ବଳର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏଭଳି ଏକ ପ୍ରମୁଖ ଜାତୀୟ ପ୍ରତିଷ୍ଠାନରେ ତାଲିମ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା କାର୍ଯ୍ୟ ସୁରୁଖୁରୁରେ ଚାଲିବା ପାଇଁ ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଚଳିତ ବର୍ଷ ଏହି ଉନ୍ନତିକରଣ ପ୍ରକଳ୍ପ ଶେଷ ହୋଇଛି ଏବଂ ଏଥିରେ ୭.୦ ସର୍କିଟ କିମି ଦୀର୍ଘ ୩୩ କେଭି ବିଜୁଳି ଲାଇନକୁ ଉନ୍ନତ କରାଯାଇଛି। ଏହି ପଦକ୍ଷେପରେ ପୁରୁଣା କଣ୍ଡକ୍ଟର ଗୁଡ଼ିକୁ ବଦଳାଇବା ସହ ନଷ୍ଟ ହୋଇଯାଇଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ବାହାର କରି ୧୨୦ ଟି ନୂଆ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଛି। ଏହାବ୍ୟତୀତ ୩୩ କେଭି ଲାଇନରେ ବାର୍ଡ ଗାର୍ଡ ଲଗାଯାଇଛି, ଯାହା ଫଳରେ ପକ୍ଷୀଙ୍କ ସ୍ପର୍ଶ ଯୋଗୁଁ ବିଜୁଳି ସେବା ବାଧାପ୍ରାପ୍ତ ହେବାକୁ ରୋକା ଯାଇପାରିବ।





ଏହି ଭିତ୍ତିଭୂମି ଉନ୍ନତିକରଣ ପରେ ପୂର୍ବରୁ ଥିବା ସମସ୍ୟା ଦୂର ହେବା ସହ ଆର୍ମି ଏୟାର ଡିଫେନ୍ସ କଲେଜକୁ ସ୍ଥାୟୀ ଏବଂ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇଛି। ଏହି ପଦକ୍ଷେପ ଦ୍ୱାରା ଏହି ପ୍ରତିରକ୍ଷା ପ୍ରତିଷ୍ଠାନର ବିଜୁଳି ଚାହିଦା ପୂରଣ ହୋଇପାରିବ।

ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ସୁଦୃଢ଼ ବିଦ୍ୟୁତ ଭିତ୍ତିଭୂମି ମାଧ୍ୟମରେ ଜାତୀୟ ସ୍ତରର ଅନୁଷ୍ଠାନକୁ ଉନ୍ନତ ସେବା ଯୋଗାଇବା ହେଉଛି ଆମର ଏକ ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକଳ୍ପ ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।'

ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଏବଂ ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ବିଜୁଳି ସେବା ଯୋଗାଣ ଉପରେ ଟିପିଏସ୍‌ଓଡିଏଲର ଗୁରୁତ୍ୱକୁ ଏହା ପ୍ରତିଫଳିତ କରେ। ଉପଭୋକ୍ତା ସନ୍ତୁଷ୍ଟି ଏବଂ ୨୪.୭ ଭରସାଯୋଗ୍ୟ ବିଜୁଳି ସୁନିଶ୍ଚିତ କରିବା ସହ ଟିପିଏସ୍‌ଓଡିଏଲ୍ ପରିସରଭୁକ୍ତ ଅଞ୍ଚଳରେ ବିଦ୍ୟୁତ ବିତରଣ ନେଟୱର୍କକୁ ଉନ୍ନତ କରିବା ପାଇଁ କମ୍ପାନୀ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଛି।

# ଭର୍ତ୍ତୃହରି ମହତାବଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୨୦୨୫ ବର୍ଷ ପାଇଁ ଓଡ଼ିଶାର ସାଂସଦ ଭର୍ତ୍ତୃହରି ମହତାବ ସମ୍ମାନଜନକ ସାଂସଦ ରତ୍ନ ପୁରସ୍କାର ପାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ସମ୍ମାନଜନକ ସାଂସଦ ରତ୍ନ ଆୱାର୍ଡ ୨୦୨୫ ପାଇଁ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ସମ୍ମାନ ଆପଣଙ୍କ ଅବିଶ୍ରାନ୍ତ ସଂସଦୀୟ ସେବା, ଜନସେବା ତଥା ରାଜ୍ୟ ଓ ଦେଶ ପାଇଁ ଅବଦାନର ସାର୍ଥକ ସ୍ୱୀକୃତି।

ଆପଣଙ୍କ ଅତୁଳନୀୟ କାର୍ଯ୍ୟଦକ୍ଷତା, ନିଷ୍ଠାପର ପ୍ରୟାସ ଓ ରାଜ୍ୟ ପାଇଁ ଅବଦାନ ସମସ୍ତ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ । ଓଡ଼ିଆ ଭାବେ ରାଷ୍ଟ୍ରୀୟ ସ୍ତରରେ ଆପଣ ଆମ ସମସ୍ତଙ୍କୁ ଗର୍ବିତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' କଟକ ଚଣ୍ଡୀ ଜନସେବା ନିମନ୍ତେ ଆପଣଙ୍କୁ ଆହୁରି ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

# ପିଜିଟି ଶିକ୍ଷକଙ୍କ ଦୁଇ ଦିନିଆ ଦକ୍ଷତା ବିକାଶ କର୍ମଶାଳା : ଭାଗ ନେଲେ ୩୦୦ ପ୍ରଶିକ୍ଷାର୍ଥୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତ୍ତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଦୁଇ ଦିନିଆ ଦକ୍ଷତା ବିକାଶ କର୍ମଶାଳା କୃଷି ଭବନସ୍ଥିତ ଅଡ଼ିଟୋରିୟମଠାରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ୧୭ଟି ସ୍ୱତନ୍ତ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୩୦୦ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଯୋଗ ଦେଇ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ରଘୁରାମ୍ ଆର୍ ଆୟର, ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମ ନିର୍ଦ୍ଦେଶକ ବନ୍ଦନା ମହାପାତ୍ର, ଅତିରିକ୍ତ ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ବିଶ୍ୱଜିତ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ପରିଷଦର ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି, ଶିକ୍ଷା ଓ ପ୍ରଶିକ୍ଷଣ ପରସ୍ପର ସହ ଜଡ଼ିତ। ସମୟାନୁସାରେ ପ୍ରଶିକ୍ଷଣ ନେବାର ଆବଶ୍ୟକତା ରହିଛି। ଶିକ୍ଷାକୁ କେବଳ ଜ୍ଞାନ ଆହରଣ ଭାବରେ ନୁହେଁ ବରଂ ଏହାର ବ୍ୟବହାରିକ ଦିଗ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ହେବ। ଏଥିସହ ଶିକ୍ଷାର ବିଭିନ୍ନ ବ୍ୟବହାରାତ୍ମକ ଦିଗ ପ୍ରତି ଯତ୍ନଶୀଳ ହେବା ଏବଂ ଏହାକୁ ପ୍ରୋତ୍ସାହିତ କରିବା ନେଇ ଶ୍ରୀ ଦାସ ଗୁରୁତ୍ୱ ଦେଇଥିଲେ। ସେହିପରି ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ଶ୍ରୀ ଆୟର୍ କର୍ମଶାଳା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବିଦ୍ୟାଳୟ ଗୁଡିକରେ ଥିବା ବିଭିନ୍ନ ପ୍ରଶାସନିକ କାର୍ଯ୍ୟ, ନାମଲେଖା ପ୍ରକ୍ରିୟା, ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷାଦାନ, ଆପାର୍ ଆଇଡ଼ି ଓ ୟୁଡାଇସ୍ ପୋର୍ଟାଲ ପରିଚାଳନା ଆଦି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ କର୍ମଶାଳାର ଆୟୋଜନ କରାଯାଇଛି।





ଆଞ୍ଚଳିକ ନିର୍ଦ୍ଦେଶକ, ସମ୍ବଲପୁର ଶ୍ରୀ ତରାଇ ପିଜିଟି ପ୍ରଶିକ୍ଷକଙ୍କୁ ସମନ୍ୱୟ ଓ ଉତ୍ତରଦାୟିତ୍ୱ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଶିକ୍ଷକତା ଏକ ଚାକିରି ନୁହେଁ ବରଂ ଏହା ଏକ ବୃତ୍ତି। ଏଥିସହ ଆସନ୍ତାକାଲି ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ଉପଦେଶ ଦେଇଛନ୍ତି। ସେହିପରି ଆଞ୍ଚଳିକ ନିର୍ଦ୍ଦେଶକ, ବ୍ରହ୍ମପୁର ବନ୍ଦନା ମହାପାତ୍ର ରେକର୍ଡ କିପିଂ ଉପରେ ଧ୍ୟାନ ଦେଇଥିଲେ। ଉଭୟ ପ୍ରଶାସନିକ ଓ ଶିକ୍ଷା କ୍ଷେତ୍ରରେ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାରଙ୍ଗମ ହେବା ନେଇ ଗୁରୁତ୍ୱାରୋପ କରିଥିଲେ।

ସୂଚନାନୁସାରେ, ଏହି ଦୁଇ ଦିନିଆ କର୍ମଶାଳାରେ ବିଦ୍ୟାଳୟର କାର୍ଯ୍ୟାଳୟ ପ୍ରତିଷ୍ଠାନ ପରିଚାଳନା, ପରୀକ୍ଷା ପରିଚାଳନା, ଅନଲାଇନ୍ ଏକାଡେମିକ୍ ସପୋର୍ଟ ପ୍ରୋଗାମ୍, ଏଚଆରଏମଏସ, ଆଇଏଫଏମଏସ ଆଦି ସମ୍ପର୍କରେ ପ୍ରଶିକ୍ଷଣ, ଇ-ଆଡମିଶନ, ଛାତ୍ରବୃତ୍ତି, ଡିଜିଟାଲ୍ କ୍ଲାସ୍ ରୁମ୍ ବ୍ୟବହାର ଆଦି ସମ୍ପର୍କରେ ତାଲିମ୍ ଦିଆଯିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଗରୁ କ୍ୟାବିନେଟ୍‌ରେ...

ଯେଉଁଟା ପ୍ରସ୍ତାବ ତା'ର ବିଷୟବିନ୍ଦୁ ଓ ପୃଷ୍ଠଭୂମି ମନ୍ତ୍ରୀଙ୍କୁ ଜଣାଯିବ। ଆଗରୁ କ୍ୟାବିନେଟରେ ବ୍ୟବସ୍ଥାର ଉଲ୍ଲଙ୍ଘନ ହେଉଥିଲା। ଯେଉଁ ବିଭାଗର ପ୍ରସ୍ତାବ ରହୁଥିଲା ସେହି ବିଭାଗର ସମସ୍ତ ଅଧିକାରୀ ରହୁଥିଲେ। ଏବେ ସେଥିରେ ପରିବର୍ତ୍ତନ ହୋଇଛି। ବିଗତ ଦିନରେ ପୂର୍ବ ସରକାରରେ କ୍ୟାବିନେଟ ଆଲୋଚନା ବିଭାଗୀୟ ସଚିବ ଉପସ୍ଥାପନ କରୁଥିଲେ। ଏବେ ବିଭାଗୀୟ ମନ୍ତ୍ରୀ ଉପସ୍ଥାପନ କରିବେ। ପୂର୍ବ ସରକାରରେ ଗଣତନ୍ତ୍ର ରାଜନୈତିକ ନେତୃତ୍ୱର ଭୂମିକାକୁ ଗୌଣ କରାଯାଇଥିଲା ବୋଲି ସେ କହିଛନ୍ତି।

## ଅଲିଭ୍ ରିଡଲେ କଇଁଛଙ୍କ ...

ଅଲିଭିଆ ଆରମ୍ଭ ହେବା ପରଠାରୁ, ଭାରତୀୟ ତଟରକ୍ଷୀ ବାହିନୀ ୫୩୮୭ରୁ ଅଧିକ ଭୂପୃଷ୍ଠ ପାଟ୍ରୋଲିଂ ଏବଂ ୧୭୬୮ଟି ଆକାଶ ନିରୀକ୍ଷଣ ମିଶନ୍ କରିଛି, ଯାହା ଅବୈଧ ମାଛ ଧରିବା ଏବଂ କଇଁଛ ବାସସ୍ଥାନର ବିଶୃଙ୍ଖଳା ଭଳି ବିପଦକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି। ଏହି ସମୟ ମଧ୍ୟରେ, ଅବୈଧ କଇଁଛ ଶିକାରରେ ସମ୍ପୃକ୍ତ ୩୬୬ଟି ଡଙ୍ଗାକୁ ଅଟକ ରଖାଯାଇଛି, ଯାହା ସାମୁଦ୍ରିକ ଜୀବନ ସୁରକ୍ଷାରେ ଭାରତୀୟ ତଟରକ୍ଷୀ ବାହିନୀର ଦୃଢ଼ ଭୂମିକାକୁ ସୂଚୀତ କରୁଛି। ପାଟ୍ରୋଲିଂ ବ୍ୟତୀତ, ଭାରତୀୟ ତଟରକ୍ଷୀ ବାହିନୀ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟ ସହିତ ସକ୍ରିୟ ଭାବରେ କାର୍ଯ୍ୟ କରୁଛି। ଏଥିରେ ଟର୍ଟଲ ଏକ୍ସକ୍ଲୁଡର ଡିଭାଇସର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଆନୁଷ୍ଠାନିକ ବୁଝାମଣାପତ୍ର ମାଧ୍ୟମରେ ଏନଜିଓମାନଙ୍କ ସହ ସହଭାଗିତା କରି ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ପରିବେଶ ଅନୁକୂଳ ମାଛ ଧରିବା ଅଭ୍ୟାସ ଏବଂ ସଂରକ୍ଷଣ ଶିକ୍ଷାକୁ ପ୍ରେତ୍ସାହିତ କରିବା ଅନ୍ତର୍ଭୁକ୍ତ ରହିଛି ।

## କେରଳ ଛୁଇଁବ ମୌସୁମୀ...

ଆଣ୍ଡାମାନ ସାଗର ଅଞ୍ଚଳକୁ ଅଗ୍ରସର ହୋଇସାରିଛି । ୪ରୁ ୫ ଦିନ ମଧ୍ୟରେ କେରଳ ଛୁଇଁପାରେ ମୌସୁମୀ ବାୟୁ । ତେବେ ଜୁନ୍ ଦ୍ୱିତୀୟ ସପ୍ତାହରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବ ବୋଲି ଆକଳନ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ମୌସୁମୀ ବାୟୁ ସଅଳ ଆସିଥିଲା। ଏବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତରେ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା । ପ୍ରତିବର୍ଷ ମୌସୁମୀ ପ୍ରାୟତଃ ଜୁନ୍ ୧ ତାରିଖରେ କେରଳ ଉପକୂଳ ଛୁଇଁଥାଏ । ଏବର୍ଷ ଆଗୁଆ ଆସିବାର ସମ୍ଭାବନା ରହିଛି ।

## ଆଜି ପ୍ରକାଶ ପାଇବ ...

ବାଣିଜ୍ୟରେ ୨୫,୫୨୬ ଏବଂ ଧନ୍ଦାମୂଳକ ବିଷୟରେ ୫,୭୨୧ ଜଣ ପରୀକ୍ଷାର୍ଥୀ ସାମିଲ ହୋଇଥିଲେ। ପରୀକ୍ଷା ୧,୨୭୬ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରଶ୍ନପତ୍ର ମହଜୁଦ ପାଇଁ ୨୦୫ଟି ହବ୍ ବ୍ୟବସ୍ଥା କରାଯାଇଥିଲା। ମନ୍ତ୍ରୀ ଶ୍ରୀ ଗଣ୍ଡ ଆହୁରି କହିଛନ୍ତି ଯେ, ଛାତ୍ରଛାତ୍ରୀମାନେ ଫଳ ପାଇଁ ବ୍ୟସ୍ତ ନ ହେବାକୁ ଅନୁରୋଧ କରାଯାଇଛି। ଫଳାଫଳ ଅଫିସିଆଲ ୱେବସାଇଟ www.orissaresults.nic.in ଏବଂ www.chseodisha.nic.inରେ ଉପଲବ୍ଧ ହେବ।

## ଆୟୁଷ୍ମାନ ଭାରତ ବିଶ୍ୱର...

ଏବଂ ଭାରତର ଆଭିମୁଖ୍ୟ ଅନୁକରଣୀୟ, ମାପଯୋଗ୍ୟ ଏବଂ ସ୍ଥାୟୀ ମଡେଲ ପ୍ରଦାନ କରେ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଭାରତର ଶିକ୍ଷା ଏବଂ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବିଶ୍ୱ ସହିତ, ବିଶେଷ କରି ଦକ୍ଷିଣ ବିଶ୍ୱ ସହିତ ବାଣ୍ଟିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଜୁନରେ ଅନୁଷ୍ଠିତ ହେବାକୁ ଥିବା ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ବିଶ୍ୱ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲେ। ସେ ଏହି ବର୍ଷର ବିଷୟବସ୍ତୁ 'ଏକ ପୃଥିବୀ ପାଇଁ ଯୋଗ, ଏକ ସ୍ୱାସ୍ଥ୍ୟ' ଉପରେ ଆଲୋକପାତ କରିଥିଲେ ଏବଂ ଯୋଗର ଜନ୍ମସ୍ଥାନ ଭାବରେ ଭାରତର ଭୂମିକା ଉପରେ ଗୁରୁତ୍ୱାରୋପ କରି ସମସ୍ତ ଦେଶକୁ ନିମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଇଏନବି ଚୁକ୍ତିନାମାର ସଫଳ ଆଲୋଚନା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ସମସ୍ତ ସଦସ୍ୟ ରାଷ୍ଟ୍ରକୁ ଅଭିନନ୍ଦନ ଜଣାଇଛନ୍ତି। ସେ ଏହାକୁ ବୃହତ ବିଶ୍ୱ ସହଯୋଗ ମାଧ୍ୟମରେ ଭବିଷ୍ୟତର ମହାମାରୀ ବିରୋଧରେ ଲଢ଼ିବା ପାଇଁ ଏକ ମିଳିତ ପ୍ରତିବଦ୍ଧତା ଭାବରେ ବର୍ଣ୍ଣନା କରିଥିଲେ। ସେ ଏକ ସୁସ୍ଥ ଗ୍ରହ ନିର୍ମାଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହା ସୁନିଶ୍ଚିତ କରିଥିଲେ ଯେ କେହି ପଛରେ ନ ରହନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣ ସମାପ୍ତ କରିବା ସମୟରେ ବେଦରୁ ଏକ ଚିର ଶାଶ୍ୱତ ପ୍ରାର୍ଥନାକୁ ଉଲ୍ଲେଖ କରିଥିଲେ, ଯାହା ମାଧ୍ୟମରେ ହଜାର ହଜାର ବର୍ଷ ପୂର୍ବେ ଭାରତର ଋଷିମୁନିମାନେ ଏପରି ଏକ ବିଶ୍ୱ ପାଇଁ ପ୍ରାର୍ଥନା କରିଥିଲେ ଯେଉଁଠାରେ ସମସ୍ତେ ସୁସ୍ଥ, ସୁଖୀ ଏବଂ ରୋଗମୁକ୍ତ ରହିବେ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଦୃଷ୍ଟିକୋଣ ବିଶ୍ୱକୁ ଏକତ୍ର କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେ ସମସ୍ତ ଉପସ୍ଥିତ ଲୋକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ, ଏହି ବର୍ଷର ବିଷୟବସ୍ତୁ 'ସ୍ୱାସ୍ଥ୍ୟ ପାଇଁ ଗୋଟିଏ ବିଶ୍ୱ' ଉପରେ ଆଲୋକପାତ କରିଥିଲେ ଏବଂ ଏହା ବିଶ୍ୱ ସ୍ୱାସ୍ଥ୍ୟ ପାଇଁ ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ୨୦୨୩ ବିଶ୍ୱ ସ୍ୱାସ୍ଥ୍ୟ ସମାବେଶରେ ତାଙ୍କର ଅଭିଭାଷଣକୁ ମନେ ପକାଇଥିଲେ, ଯେଉଁଠାରେ ସେ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' ବିଷୟରେ ଉଲ୍ଲେଖ କରିଥିଲେ। ସେ ମତ ଦେଇଥିଲେ ଯେ , ଏକ ସୁସ୍ଥ ବିଶ୍ୱର ଭବିଷ୍ୟତ ଅନ୍ତର୍ଭୁକ୍ତିକରଣ, ଏକ ସମନ୍ୱିତ ଦୃଷ୍ଟିକୋଣ ଏବଂ ସହଯୋଗ ଉପରେ ନିର୍ଭର କରେ।

## ବହୁବିଧ ରୋଗରେ ଆକ୍ରାନ୍ତ ଥିବା...

ସିକ୍ୟୁଏନସ୍ ପାଇଁ ପଠାଯିବ। ଏପର୍ଯ୍ୟନ୍ତ କେନ୍ଦ୍ରରୁ କୌଣସି ମାର୍ଗଦର୍ଶିକା ଜାରି କରାଯାଇ ନାହିଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଜୟନ୍ତ ପଣ୍ଡା କହିଛନ୍ତି, ଗତବର୍ଷ ମଧ୍ୟ ଏହି ସମୟରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏପର୍ଯ୍ୟନ୍ତ କୋଭିଡ୍ ଯୋଗୁ ଗୁରୁତର ହୋଇଥିବା ରୋଗୀ ସାମ୍ନାକୁ ଆସିନାହାନ୍ତି । ସିଙ୍ଗାପୁର ଏବଂ ହଂକଂରେ କୋଭିଡ ସଂକ୍ରମଣ ବଢୁଛି । ଭାରତରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଭେରିଆଣ୍ଟରେ ଥଣ୍ଡା, ଛିଙ୍କ, କଫ ଓ ଗୋଡ଼ହାତ ବିନ୍ଧା ହେବ। ଯେଉଁମାନେ ବହୁବିଧ ରୋଗରେ ଆକ୍ରାନ୍ତ ସେମାନେ ସାବଧାନ ରୁହନ୍ତୁ। କିଡ୍‌ନୀ ଭଳି ଗୁରୁତର ରୋଗୀ ହୋଇଥିଲେ ସତର୍କ ରୁହନ୍ତି। ଏହି ଭେରିଆଣ୍ଟରେ ସଂକ୍ରମଣ ହାର କମ୍ ରହିଛି। ହେଲେ ଆମେ ସତର୍କ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପୁଣି ଫେରିଲା କରୋନା: ଦେଶରେ...

ସେହିପରି ହଂକଂ ଏବଂ ଥାଇଲ୍ୟାଣ୍ଡରେ ମଧ୍ୟ ତୁଳନାତ୍ମକ ଭାବେ ଅଧିକ ମାମଲା ଚିହ୍ନଟ ହୋଇଛି। ସିଙ୍ଗାପୁରରେ ସାପ୍ତାହିକ ସଂକ୍ରମଣ ୨୮ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଏପ୍ରିଲ ଶେଷ ଭାଗରେ ୧୧,୧୦୦ ମାମଲା ଚିହ୍ନଟ ହୋଇଥିବା ବେଳେ ମେ' ମାସର ପ୍ରଥମ ସପ୍ତାହରେ ଏହି ସଂଖ୍ୟା ୧୪,୨୦୦ ହୋଇଛି। ସେହିପରି ହଂକଂରେ ମେ' ମାସର ପ୍ରଥମ ସପ୍ତାହରେ ୩୧ ଜଣଙ୍କ ମୃତ୍ୟୁ ଘଟିଛି। ଯାହା ବର୍ଷକ ମଧ୍ୟରେ କୋଭିଡ୍-୧୯ ଜନିତ ମୃତ୍ୟୁସଂଖ୍ୟାରୁ ଢେର ଅଧିକ। ୨୦୨୦ ଜାନୁୟାରୀରୁ ସାରା ବିଶ୍ୱରେ କରୋନା ଭୂତାଣୁ ବ୍ୟାପୀ ମହାମାରୀରେ ପରିଣତ ହୋଇଥିଲା। ପରେ ଏହା ହ୍ରାସ ପାଇଥିଲା। ୨୦୨୧ରେ ପୁନର୍ବାର କୋଭିଡ-୧୯ର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଥିଲା। କିନ୍ତୁ ଏହା ସେତେ ମାରାତ୍ମକ ନ ଥିଲା। ଏହା ପରଠାରୁ ଆଉ କୋଭିଡ ମାମଲା ସାମ୍ନାକୁ ଆସି ନ ଥିଲା। ମାତ୍ର ପ୍ରାୟ ସାଢ଼େ ୩ ବର୍ଷ ପରେ ଏବେ ପୁନର୍ବାର କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସିଙ୍ଗାପୁର, ହଂକଂ ଭଳି ରାଷ୍ଟ୍ରରେ ଦ୍ରୁତଗତିରେ ଏହା ମାଡ଼ିବା ଆରମ୍ଭ କରିଥିବାବେଳେ ଭାରତରେ ବି କରୋନା ସଂକ୍ରମିତ ଚିହ୍ନଟ ହେଲେଣି। ଗୋଟିଏ ଦିନରେ ମୁମ୍ବଇରେ ୫୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହା ଏବେ ଚିନ୍ତାର ବିଷୟ ପାଲଟିଛି। ଏପରି କି ୨ ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇସାରିଲାଣି। ମୁମ୍ବଇର କେଇଏମ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଦୁଇ ଜଣ ରୋଗୀ କରୋନାରେ ସଂକ୍ରମିତ ହୋଇଥିଲେ। ଯାହାଫଳରେ ସେମାନଙ୍କ ମୃତ୍ୟୁ ଘଟିଛି। ବ୍ରିହନ ମୁମ୍ବଇ ମ୍ୟୁନିସିପାଲ କର୍ପୋରେସନ (ବିଏମସି) ପକ୍ଷରୁ ୫୩ ସଂକ୍ରମିତ ଚିହ୍ନଟ ସମ୍ପର୍କରେ ସୂଚନା ଦିଆଯାଇଛି। କରୋନା ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଖାନାର ସହାୟତା ନେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି।

## ସଂସଦୀୟ ବ୍ୟାପାର ବିଭାଗ...

ସବୁ ବିଭାଗକୁ ଚିଠି ଲେଖି ଅବଗତ କରାଇଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ୫ ଦିନ ପୂର୍ବରୁ କ୍ୟାବିନେଟ ବସିବାର ତାରିଖ ଚୂଡ଼ାନ୍ତ ହେବା ସହ ୩ ଦିନ ପୂର୍ବରୁ କ୍ୟାବିନେଟର ସମସ୍ତ ପ୍ରସ୍ତାବ ଚୂଡାନ୍ତ ହେବ। ସେହିଭଳି ୨ ଦିନ ପୂର୍ବରୁ କ୍ୟାବିନେଟ ପ୍ରସ୍ତାବ ସମ୍ପର୍କୀତ ଫାଇଲ ମନ୍ତ୍ରୀଙ୍କ ପାଖକୁ ଯିବ । ମୁଖ୍ୟମନ୍ତ୍ରୀଙ୍କ ବିନାନୁମତିରେ କୌଣସି ପ୍ରସ୍ତାବ କ୍ୟାବିନେଟକୁ ଆସି ପାରିବନି କିମ୍ବା ମୁଖ୍ୟମନ୍ତ୍ରୀଙ୍କ ବିନାନୁମତିରେ ବିଭାଗୀୟ ସଚିବ କ୍ୟାବିନେଟରେ ବସି ପାରିବେନି। ବିଭାଗୀୟ ସଚିବମାନେ କ୍ୟାବିନେଟ ରୁମରେ ନ ବସି ପାଖ ରୁମରେ ବସିବେ। ଆବଶ୍ୟକ ସ୍ଥଳେ ବିଭାଗୀୟ ସଚିବ କ୍ୟାବିନେଟ ବୈଠକ ରୁମକୁ ଯାଇ ପାରିବେ। କ୍ୟାବିନେଟ୍‌ରେ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ବ୍ୟତୀତ ଅନ୍ୟଙ୍କୁ ବାରଣ କରାଯାଇଛି। ପ୍ରସ୍ତାବରେ ମୋହର ବାଜିବା ପରେ ତାକୁ କାର୍ଯ୍ୟକାରୀ କରାଇବା ମନ୍ତ୍ରୀଙ୍କ ଦାୟିତ୍ୱ ବୋଲି ସେଥିରେ ଉଲ୍ଲେଖ ଅଛି। ୮ ତାରିଖର ଏହି ନିର୍ଦ୍ଦେଶନାମା ଆଧାରରେ ୧୪ ତାରିଖ ଦିନ ବସିଥିଲା ରାଜ୍ୟ କ୍ୟାବିନେଟ ବୈଠକ।

## ଜୁଲାଇ ୧ରୁ ମାଟ୍ରିକ...

ପ୍ରକାଶ ପାଇଛି। ଜୁନ ୩୦ରୁ ଷ୍ଟେଟ ଓପନ ସ୍କୁଲ ପରୀକ୍ଷା( ୨ୟ) ଅନୁଷ୍ଠିତ ହେବ। ଏହି ପରୀକ୍ଷା ଜୁନ ୩୦ରେ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ଯାଏଁ ଚାଲିବ ବୋଲି ସୂଚନା ଦିଆଯାଇଛି।

## ଆଇବି ମୁଖ୍ୟଙ୍କ କାର୍ଯ୍ୟକାଳ...

ନିର୍ଦ୍ଦେଶକ ପଦରେ କାର୍ଯ୍ୟରତ ଅଛନ୍ତି। ଶ୍ରୀ ଡେକା ଗୁଇନ୍ଦା ବିଭାଗରେ ବିଭିନ୍ନ ଭୂମିକା ନିର୍ବାହ କରିଛନ୍ତି। ଆଇ.ବି. ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ କାଉଣ୍ଟର ଇଣ୍ଟେଲିଜେନ୍ସ ଏଜେନ୍ସି ଭାବେ କାମ କରେ। ଏହାର କାମ ହେଉଛି ଦେଶର ଅନ୍ତରୀଣ ବିପଦ ଉପରେ ନଜର ରଖିବା ଓ ସରକାରକୁ ପରାମର୍ଶ ଦେବା। ଆଇ.ବି. ଭାରତର ଅନ୍ତରୀଣ ସୁରକ୍ଷା ଓ ସ୍ଥିରତା ରକ୍ଷା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

## ଜୁନ୍ ୧ ପର୍ଯ୍ୟନ୍ତ ଯୁକ୍ତ ୩...

ପାଇଁ ରହିଥିବା କମନ୍ ଆପ୍ଲିକେସନ୍ ଫର୍ମ ପୂରଣ ପ୍ରକିୟାରେ ଅବଧିକୁ ବୃଦ୍ଧି କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଛାତ୍ରଛାତ୍ରୀମାନେ ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ସାମସ୍ ପୋର୍ଟାଲ୍‌ରେ ଅନଲାଇନ୍ ମାଧ୍ୟମରେ ଫର୍ମ ପୂରଣ କରିପାରିବେ। ଏଥିସହିତ +୨ ପରୀକ୍ଷାରେ ରଖିଥିବା ନିଜର ମାର୍କକୁ ମଧ୍ୟ ଜୁନ୍ ୧ ତାରିଖ ସୁଦ୍ଧା ଅପଲୋଡ଼ କରିପାରିବେ।

ଉଲ୍ଲେଖନୀୟ ଯେ ଯୁକ୍ତ ୩ ନାମଲେଖା ପାଇଁ ଆବେଦନର ଅବଧି ମଙ୍ଗଳବାର ଶେଷ ହେବାର ଥିଲା। ତେବେ ଯୁକ୍ତ ୨ ରେଜଲ୍ଟ ପ୍ରକାଶ ପାଇନଥିବାରୁ ଛାତ୍ରଛାତ୍ରୀମାନେ ଦ୍ୱନ୍ଦ୍ୱରେ ଥିଲେ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ସହ ଆଲୋଚନା ହେବ ଏବଂ ଆବେଦନ ସମୟ ସୀମା ବୃଦ୍ଧି ହେବ ବୋଲି କହିଥିଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

## ଭୁବନେଶ୍ୱରରେ ଇସ୍ରୋ...

ଠାରେ ଭାରତ କରିଥିବା ପରମାଣୁ ପରୀକ୍ଷାକୁ ସ୍ମରଣ କରି ଜାତୀୟ ଟେକ୍ନୋଲଜି ଦିବସ ପାଳନ ଅବସରରେ ଏହି ବକ୍ତୃତାମାଳାର ଆୟୋଜନ କରାଯାଇଛି ।

# ପୋଲାଭରମ ପ୍ରସଙ୍ଗରେ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ରାଜ୍ୟ ସରକାର : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୋଲାଭରମ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବୈଠକରେ ଓଡ଼ିଶା ସରକାର ତାଙ୍କର ପକ୍ଷ ରଖିବା ପୂର୍ବରୁ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟବାସୀଙ୍କ ସମ୍ମୁଖରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି। ପୋଲାଭରମ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ଅନୁନ୍ୟ ୨୦୦ ଗ୍ରାମ ଜଳମଗ୍ନ ହେବ ଓ ହଜାର ହଜାର ଆଦିବାସୀ ସେମାନଙ୍କର ଭିଟାମାଟି ହରାଇବେ। ପୋଲାଭରମ ପ୍ରକଳ୍ପକୁ ଆରମ୍ଭରୁ ବିଜୁ ଜନତା ଦଳ ବିରୋଧ କରିଆସୁଛି। ସରକାରରେ ଥିବାବେଳେ ଓ ଏବେ ବିରୋଧୀ ଦଳରେ ଥାଇ ମଧ୍ୟ ପୋଲାଭରମ ପ୍ରସଙ୍ଗରେ ଲଢେଇ କରିଆସୁଛି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ୧ ବର୍ଷ ପୂରିବାକୁ ଯାଉଥିବା ବେଳେ, ରାଜ୍ୟ ସରକାର ଏହି ପ୍ରସଙ୍ଗ ଉପରେ ପଦଟିଏ ମଧ୍ୟ ମୁହଁ ଖୋଲିନାହାନ୍ତି ବୋଲି ଦଳ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି (ହେଡ୍‌କ୍ୱାର୍ଟର) ଦେବୀ ପ୍ରସାଦ ମିଶ୍ର କହିଛନ୍ତି।



ଶଙ୍ଖ ଭବନରେ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଥିଲେ, ପୋଲାଭରମ ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ ଥିଲା । ପରବର୍ତ୍ତୀ ସମୟରେ ଏକତରଫା ଭାବେ, ଏହାର କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଥିଲା। ଏହି ପ୍ରକଳ୍ପର କ୍ଷମତା ବଢ଼ାଇ ଦିଆଯିବା ପରେ ପ୍ରକଳ୍ପର ପଛୁଆ ପାଣି ଓଡ଼ିଶାର ମାଲକାନଗିରି ଜିଲ୍ଲା ଉପରେ କ'ଣ ପ୍ରଭାବ ପଡିବ ତାହାର ଆକଳନ କରାଯାଇ ନଥିଲା। ତେଣୁ ୨୦୦୭ ମସିହାରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/15, ତା.15.05.2025ରିଖ

ଟେଣ୍ଡର ସଂ. e-Tender-SouthKUR-62-2025, ତା.09.05.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 25T ଲୋଡିଂ ନିମନ୍ତେ RDSO ମାନକ ଅନୁଯାୟୀ ବିଦ୍ୟମାନ ପ୍ଲେଟ୍ ଗିର୍ଡର ବ୍ରିଜର ପୁନଃସ୍ଥାପନ ପାଇଁ PSC ସ୍ଲାବ୍‌ର ଲୋଡ୍ ପୂରଣ କରିବା ପାଇଁ (46 ସଂଖ୍ୟକ) ବ୍ରିଜର ଭିତ୍ତିଭୂମି, ପିୟର, ଅବ୍ୟୁଟମେଣ୍ଟ ଏବଂ ସବଷ୍ଟ୍ରକଚର ଉପାଦାନଗୁଡ଼ିକର ଶକ୍ତି ଏବଂ ଗଠନମୂଳକ କ୍ଷମତାର ମୂଲ୍ୟାଙ୍କନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 550.82 ଲକ୍ଷ, EMD : ₹ 4,25,400.00, ଶେଷ ହେବା ଅବଧି : 180 ଦିନ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.05.2025ରିଖ 1500 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ଼

PR-144/Q/25-26

**AFFIDAVIT**

By Virtue of an affidavit sworn before Executive Magistrate Bhubaneswar, Dated-19/05/2025, I, **PAUNRA MARNDI**, Address- Bankadunguri,Po-Damudigoda, Dist-Mayurbhanj, Odisha-757048, declared that I have changed my name from PAWUNRA MARANDI to **PAUNRA MARNDI**. Henceforth, I shall be known as PAUNRA MARNDI for all purposes.

**(PAUNRA MARNDI)**
Dated 19/05/2025
Bhubaneswar

# ସିୟୁଟିଏମ୍ ପରିଦର୍ଶନ କଲେ ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାର ଜଟଣୀ ନିକଟସ୍ଥ ରାମଚନ୍ଦ୍ରପୁରସ୍ଥିତ ସିୟୁଟିଏମ୍ (ସେଞ୍ଚୁରିଅନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ) ପରିଦର୍ଶନ କରି ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟପାଳଙ୍କ ଏହି ପରିଦର୍ଶନ ସମୟରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ।

ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ପଲିନେଟର୍ସ ପାରାଡାଇଜ୍, ଟ୍ରାନ୍ସଫର୍ମର୍ ଲ୍ୟାବସ୍, ୱେଷ୍ଟ୍ ଟୁ ୱେଲଥ୍ ଲ୍ୟାବ୍, ୱେଲ୍ ଉଡ୍ ଇଞ୍ଜିନିଅରିଂ ଲ୍ୟାବ୍, ଆପାରେଲ୍ ଆଣ୍ଡ୍ ଟେକ୍ସଟାଇଲସ ଇଞ୍ଜିନିଅରିଂ ଲ୍ୟାବ୍, ପ୍ଲମ୍ବିଙ୍ଗ୍ ଆଣ୍ଡ୍ ପାଇପ୍ ଲାଇନ୍ ଇଞ୍ଜିନିଅରିଂ ଲ୍ୟାବସ୍, ମାରିଟାଇମ୍ ସ୍କୁଲ ସିମୁଲେସନ୍ ଆଣ୍ଡ୍ ଆପ୍ଲାଏଡ଼ ଲର୍ଣ୍ଣିଙ୍ଗ୍ ଲ୍ୟାବ୍, ଇଲେକ୍ଟ୍ରିକାଲ ଆଣ୍ଡ୍ ଅଟୋମେଟିଭ ଲ୍ୟାବ୍, ଆଲାଏଡ ହେଲଥ୍ ସ୍କୁଲ ଲ୍ୟାବସ୍ ଇତ୍ୟାଦି ପ୍ରୟୋଗଶାଳା ପରିଦର୍ଶନ କରି କାର୍ଯ୍ୟଧାରା ଅନୁଧ୍ୟାନ କରିଥିଲେ ।

ଏହି ଅବସରରେ ଇଲେକ୍ଟ୍ରିକ୍ ଭେହିକଲ୍ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ ନେଉଥିବା ଜିମ୍ବାୱେର ମିଡ୍-କ୍ୟାରିଅର ସରକାରୀ ଅଧିକାରୀଙ୍କ ସହ ରାଜ୍ୟପାଳ ବାର୍ତ୍ତାଳାପ କରିଥିଲେ। ପରେ ପରେ ରାଜ୍ୟପାଳ ଅଧ୍ୟାପକ ଏବଂ ବିଶ୍ୱ-ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପାରମ୍ପରିକ ଶିକ୍ଷା ଢାଞ୍ଚା ସହିତ ଦକ୍ଷତା ବିକାଶ ଆଧାରିତ ଶିକ୍ଷାକୁ ସମନ୍ୱିତ କରିବା ଦିଗରେ ବୃଦ୍ଧି ପାଉଥିବା ଗୁରୁତ୍ୱ ଉପରେ ରାଜ୍ୟପାଳ ଆଲୋକପାତ କରି ଜାତୀୟ ଶିକ୍ଷାନୀତିରେ ଶିକ୍ଷା ଏବଂ ଦକ୍ଷତା ବିକାଶ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ। ଏତଦ୍‌ବ୍ୟତୀତ, ରାଜ୍ୟପାଳ ନିକଟ ଅତୀତରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନକୁ ଗସ୍ତ ସମୟର ଅନୁଭବ ଓ ଉପଲବ୍ଧି ଉପରେ ଅବତାରଣା କରିଥିଲେ । ଦକ୍ଷତା ବିକାଶ କ୍ଷେତ୍ରରେ ଏକ ସହଯୋଗୀ ମଡେଲ ସୃଷ୍ଟି କରିବାର ଆବଶ୍ୟକତା ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରି ଯେଉଁ ପ୍ରତିଷ୍ଠାନଗୁଡିକରେ ଇନ୍ ହାଉସ୍ ଦକ୍ଷତା ବିକାଶ ତାଲିମ ସୁବିଧା ନାହିଁ ସେମାନଙ୍କୁ ତାଲିମ ସୁବିଧା ଥିବା କେନ୍ଦ୍ରରେ ତାଲିମ ନେବାର ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ରୁତ ଗତିରେ ବିକଶିତ ହେଉଥିବା ବିଶ୍ୱରେ ବିଭିନ୍ନ ଆହ୍ୱାନର ମୁକାବଲା କରିବା ପାଇଁ ଯୁବପୀଢିଙ୍କୁ ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ଅତ୍ୟନ୍ତ ଜରୁରୀ ବୋଲି ରାଜ୍ୟପାଳ କହିବା ସହିତ ସି.ୟୁ.ଟି.ଏମ୍.ର ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ।

**GOVERNMENT OF ODISHA, "e"-PROCUREMENT NOTICE** B-143
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.**
E-mail: eeroads.khr@rediffmail.com
No. 2324 Date 19.05.2025
**Invitation For Bids**
**Bid Identification No. SER&BKHR - 03 /2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids in single cover system in ONLINE MODE only. | |
| 2 | Nature of work | Construction of Parking Shed &Store Room. |
| 3 | No. of work | 02Nos. works. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 29.05.2025 to 17.00 Hours of 05.06.2025 |
| 7 | Date of opening of Technical Bid | Dt. 06.06.2025 at 11:30 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in **ONLINE** bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also btTseen tn the said website. The authority reserves the right to reject any or all bids without assigning/any reason thereof. | |

Sd/- Superintending Engineer
Khariar (R&B) Division, Khariar
OIPR-34062/11/0022/2526

ଭୁବନେଶ୍ୱର
୨୧ ମଇ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ଶେଷ ପର୍ବ ହଳଦୀ ପାଣି ଉତ୍ସବ ସମ୍ପନ୍ନ

**ପୁରୀ,୨୦/୦୫ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ୨୧ଦିନିଆ ବାହାର ଚନ୍ଦନଯାତ୍ରାର ମଙ୍ଗଳବାର ଶେଷ ପର୍ବ 'ହଳଦୀ ପାଣି' ଉତ୍ସବ। ଏହି ଅବସରରେ କେବଳ ଠାକୁରଙ୍କ ଦିନ ଚାପ ହୋଇଥିଲା। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମ କୃଷ୍ଣ ନରେନ୍ଦ୍ର ଚକଡ଼ାରେ ବିଜେ କରିଥିଲେ। ସାଙ୍ଗରେ ଥିଲେ ପଞ୍ଚମହାଦେବ। ସେଠାରେ ଠାକୁରଙ୍କ ପୂଜାର୍ଚ୍ଚନା ସହ ବନ୍ଦାପନା ନୀତି ବଢ଼ିଥିଲା। ଦେବତାମାନେ ହଳଦୀ ପାଣିରେ ପିଚକାରୀ ଖେଳିଥିଲେ। ପରେ ଶ୍ରୀମନ୍ଦିରକୁ ବାହୁଡ଼ିଯାଇଥିଲେ। ପଞ୍ଚମହାଦେବ ନିଜ ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



# ମେଗା ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶୀଘ୍ର ସାରିବାକୁ ଅଧିକାରୀମାନଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ଖରା ଯୋଗୁଁ ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବର୍ଷ ପୂର୍ତ୍ତି ପୂର୍ବରୁ କିଛି ମେଗା ପ୍ରକଳ୍ପ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି। ନୂଆପଡ଼ାରେ ୧୦୦ ପ୍ରତିଶତ କାମ ସରିଛି। ଏବେ ସୁଦ୍ଧା ୨୨ଟି ପ୍ରକଳ୍ପ ସରିଲାଣି। ୨୪ ହଜାର ୭୦୦ ଟ୍ୟୁବୱେଲରୁ ୧୭୦୦ ଖୋଳା ସରିଲାଣି। ଆମ ରାଜ୍ୟରେ ଖୋଳିବାକୁ ପର୍ଯ୍ୟାପ୍ତ ମେସିନ ନଥିବାରୁ ଆନ୍ଧ୍ରରୁ ଅଧିକ ମେସିନ ଆଣିବାକୁ ଯୋଗାଯୋଗ କରାଯାଉଛି। ୪ ତାରିଖ ସୁଦ୍ଧା ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥିତି ନେଇ ରିପୋର୍ଟ ଦେବାକୁ ସବୁ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଥିରେ ଯାହା ଅସୁବିଧା ଅଛି ରିପୋର୍ଟ ଦେବାକୁ କୁହାଯାଇଛି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ନୂଆ ମନିଟରିଂ ସିଷ୍ଟମ ରାଜ୍ୟ ସରକାର ହାତକୁ ନେଇଛନ୍ତି। କାହାର କେତେ ପାଣି ଆବଶ୍ୟକ କିଏ ଅଧିକ ନେଉଛି ସେ ନେଇ ରାଜ୍ୟ ସ୍ତରରେ ମନିଟରିଙ୍ଗ ହେବ। ମେଗା ପାନୀୟ ଜଳ ପ୍ରକଳ୍ପରେ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ସମ୍ପର୍କିତ ଅସୁବିଧା ଦେଖାଦେଉଥିଲା। ତାକୁ ଷ୍ଟ୍ରିମ ଲାଇନ କରାଯାଇଥିବା ବୈଠକରେ ମତ ପ୍ରକାଶ ପାଇଛି।



ଭୁବନେଶ୍ୱର : ଆସୁଛି ସାବିତ୍ରୀ, ରାଜଧାନୀର ରାଜରାସ୍ତା ପାର୍ଶ୍ୱରେ ଲିଚୁକୋଳିର ପସରା । (ଫଟୋ : ସମ୍ବାଦ କଳିକା)

## ସାବାଡ଼ ହେବେ ସାଇବର ଅପରାଧି

# ଇ-ଜିରୋ ଏଫଆଇଆରର ଶୁଭାରମ୍ଭ କଲେ ଅମିତ୍ ଶାହ

**ନୂଆଦିଲ୍ଲୀ,୨୦/୦୫**

ଆଉ ନିସ୍ତାର ନାହିଁ। ସାବାଡ଼ ହେବେ ସାଇବର ଅପରାଧି। ଖୋଜି ଖୋଜି ଅପରାଧିବାକୁ ଗିରଫ କରାଯିବ। ସାଇବର କ୍ରାଇମ ବିରୋଧରେ ବଡ଼ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ପାଇଲଟ ପ୍ରୋଜେକ୍ଟ ଜରିଆରେ ଦିଲ୍ଲୀରେ ଇ-ଜିରୋ ଏଫଆଇଆରର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (୧୪ସି) ସାଇବର ଅପରାଧୀଙ୍କୁ ଧରିବାକୁ ଇ-ଜିରୋ ଆରମ୍ଭ ହୋଇଥିବା କହିଛନ୍ତି ଗୃହମନ୍ତ୍ରୀ। ଖୁବ୍‌ଶୀଘ୍ର ପୁରା ଦେଶରେ ଏହା ଲାଗୁ ହେବ। ଇ-ଜିରୋ ଏଫ୍ଆଇଆର୍ର ଶୁଭାରମ୍ଭ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, "ଦିଲ୍ଲୀରେ ଏହା ପାଇଲଟ ପ୍ରୋଜେକ୍ଟ ରୂପରେ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ସାଇବର ଅପରାଧ




ରିପୋର୍ଟିଂ ପୋର୍ଟାଲ (ଏନସିଆରପି) ଏବଂ ହେଲ୍ପଲାଇନ ନମ୍ବର ୧୯୩୦ରେ ଦାୟର ସାଇବର ଅପରାଧକୁ ସ୍ୱଚାଳିତ ରୂପରେ ଏଫଆଇଆରରେ ବଦଳାଇ ଦେବ। ପ୍ରାରମ୍ଭରେ ୧୦ ଲକ୍ଷରୁ ଅଧିକ ଟଙ୍କା ଠକେଇ ମାମଲାରେ ଏହା ଲାଗୁ ହେବ। ଖୁବ୍‌ଶୀଘ୍ର ସମଗ୍ର ଦେଶରେ ଏହା ଲାଗୁ ହେବ। ଏଥିରେ ଠକେଇର ଶିକାର ହୋଇଥିବା ବ୍ୟକ୍ତି ସହଜରେ ଟଙ୍କା ଫେରି ପାଇବେ ଏବଂ ସାଇବର ଅପରାଧିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ସହାୟତା ମିଳିବ। ଏହା ଲାଗୁ ହୋଇଥିବା ନୂଆ ଅପରାଧିକ ଆଇନର ପ୍ରାବଧାନର ଉପଯୋଗ କରିଥାଏ।'' 'ସାଇବର ସୁରକ୍ଷିତ ଭାରତ' ପକ୍ଷରୁ ପଦକ୍ଷେପ ସମ୍ପର୍କରେ ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସାଇବର ସୁରକ୍ଷିତ ଭାରତ' ଦୂରଦୃଷ୍ଟି ପ୍ରାପ୍ତ କରିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ନିକଟରେ ଆଇ୪ସିର ସମୀକ୍ଷା ବୈଠକରେ ଏହା ଲାଗୁ ହୋଇଥିଲା। ଯେଉଁଥିରେ ସାଇବର ଅପରାଧର ଶିକାର ହୋଇଥିବା ବ୍ୟକ୍ତି ତାଙ୍କ ଟଙ୍କା ଫେରି ପାଇବେ। ଜିରୋ ଏଫଆଇଆର ଆପେ ଆପେ ଦାୟର ହେବ। ଦିଲ୍ଲୀ ପୋଲିସ ଏବଂ ଆଇ୪ସି ଭାରତୀୟ ନାଗରିକ ସଂହିତା ଧାରା ୧୭୩ (୧) ଏବଂ ୧ (ଆଇଆଇ)ର ନୂଆ ପ୍ରାବଧାନ ଅନୁସାରେ ମାମଲା ପଞ୍ଜୀକରଣ ପ୍ରକ୍ରିୟା ଲାଗୁ କରିବାକୁ କାମ କରିବ।

# ଜୁଡିସିଆଲ ସର୍ଭିସ ପାଇଁ ଓକିଲ ଭାବରେ ୩ ବର୍ଷର ପ୍ରାକ୍ଟିସ୍ ବାଧ୍ୟତାମୂଳକ

**ନୂଆଦିଲ୍ଲୀ, ୨୦।୫**

ନ୍ୟାୟିକ ସେବାକୁ ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। ଓକିଲ ଭାବେ ଅନ୍ୟୂନ ୩ ବର୍ଷର ଅଭ୍ୟାସ ବାଧ୍ୟତାମୂଳକ ।ଏଭଳି ରାୟ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟଙ୍କ ୩ ଜଣିଆ ଖଣ୍ଡପୀଠ। ତେବେ ମଙ୍ଗଳବାର ପୂର୍ବରୁ ଆରମ୍ଭ ହୋଇଥିବା ନିଯୁକ୍ତି ପ୍ରକ୍ରିୟା ପାଇଁ ଏହା ଲାଗୁ ହେବ ନାହିଁ। ମଙ୍ଗଳବାର ଠାରୁ ଆରମ୍ଭ ହେଉଥିବା ନିଯୁକ୍ତି ପ୍ରକ୍ରିୟା ପାଇଁ ଏହି ନିର୍ଦ୍ଦେଶ ଲାଗୁ ହେବ ।



ନିମ୍ନ ଅଦାଲତ ବିଚାରପତି ଅର୍ଥାତ୍ ଜୁନିଅର ଡିଭିଜନ ସିଭିଲ ଜଜ୍‌ଙ୍କ ନିଯୁକ୍ତି ଉପରେ ସୁପ୍ରିମ-କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। କୋର୍ଟ କହିଛନ୍ତି ଏହି ପଦବୀରେ ପରୀକ୍ଷା ଦେବା ପାଇଁ ପ୍ରାର୍ଥୀଙ୍କର ଅତି କମରେ ତିନି ବର୍ଷର ଲ' ପ୍ରାକ୍ଟିସ୍ ଥିବା ଆବଶ୍ୟକ। ଯାହାଦ୍ୱାରା ନ୍ୟାୟ-ପାଳିକାରେ ଅଧିକ ଅଭିଜ୍ଞ ଓ ଦକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇ ହେବ। ପ୍ରଧାନ ବିଚାରପତି ବିଆର ଗବାଇ, ଜଷ୍ଟିସ୍ ଏଚ ମସିହ ଓ ଜଷ୍ଟିସ୍ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଏଭଳି ରାୟ ଦେଇଛନ୍ତି। ଏହି ନିୟମ ସମସ୍ତ ରାଜ୍ୟରେ କାର୍ଯ୍ୟକାରୀ ହେବ। ରାଜ୍ୟ ନ୍ୟାୟିକ ସେବା ଆୟୋଗଙ୍କୁ ଏହାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ କୋର୍ଟ ସ୍ପଷ୍ଟ କରିଛନ୍ତି, ବର୍ତ୍ତମାନ ସମୟରେ ଚାଲିଥିବା ନିଯୁକ୍ତି ଉପରେ ଏହି ନିୟମ ଲାଗୁ ହେବନି। ତେବେ ଆଗକୁ ଏହାକୁ ବାଧ୍ୟତାମୂଳକ କରି ଦିଆଯିବ। ସୁପ୍ରିମକୋର୍ଟ କହିଛନ୍ତି, ହାଇକୋର୍ଟ ଯେଉଁ ନିଯୁକ୍ତି କରୁଛନ୍ତି ସେଥିରେ ଏହି ନିୟମ ଲାଗୁ ହେବନି। ତେବେ ଆଗକୁ ହେବାକୁ ଥିବା ସବୁ ନିଯୁକ୍ତିରେ ଏହି ନିୟମକୁ ବାଧ୍ୟତାମୂଳକ କରାଯିବ। କୋର୍ଟ କହିଛନ୍ତି, ଲ' ଗ୍ରାଜୁଏଟ୍ ଛାତ୍ରଙ୍କୁ ବିଚାରପତି ଭାବରେ ନିଯୁକ୍ତି ଦେବାପରେ ବହୁ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଅନୁଭବହୀନ ଲ' ଗ୍ରାଜୁଏଲଟ ଜରୁରୀ କାର୍ଯ୍ୟ ପରିଚାଳନା କରିବାରେ ସକ୍ଷମ ନୁହନ୍ତି।

# ସମ୍ବଲପୁର ଗସ୍ତରେ ନୀତି ଆୟୋଗ ପୂର୍ବତନ ସିଇଓ ଅମିତାଭ କାନ୍ତ

**ସମ୍ବଲପୁର ୨୦।୫**
**ନ୍ୟୁଜ ବ୍ୟୁରୋ**



ଦୁଇ ଦିନିଆ ସମ୍ବଲପୁର ଗସ୍ତରେ ଆସିଛନ୍ତି ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ। ସେ ସମ୍ବଲପୁରରେ ପହଞ୍ଚି ପ୍ରଥମେ ମା' ସମଲେଇ ମନ୍ଦିର ଯାଇ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଛନ୍ତି। ସମ୍ବଲପୁର ଜିଲ୍ଲାର ବିକାଶ ନେଇ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରଙ୍କ ସହ ଆଲୋଚନା କରାଯିବ। ଶିକ୍ଷା, ବ୍ୟବସାୟ, ଅର୍ଥନୀତି, ପର୍ଯ୍ୟଟନରେ ସମ୍ବଲପୁରର ବିକାଶ କେମିତି ହେବ ତା'ର ରୂପରେଖ ତିଆରି ହେବ ବୋଲି ଅମିତାଭ କାନ୍ତ କହିଛନ୍ତି। ଦେଶର ବିକାଶରେ ସମ୍ବଲପୁର ଜିଲ୍ଲାର ଭାଗିଦାରୀ ହେବ ସେନେଇ ଆଲୋଚନା ମଧ୍ୟ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା ପରେ ସେ ତାଙ୍କୁ ସମ୍ବଲପୁର ପଠାଇଥିବା କହିଛନ୍ତି। ବିକଶିତ ଭାରତ, ଜିଡିପି ବଢାଇବା, ମୁଣ୍ଡପିଛା ଆୟ ବଢାଇବା ପାଇଁ କ'ଣ କରାଯିବା ଆବଶ୍ୟକ ସେନେଇ ସମ୍ବଲପୁରର ଯୋଗଦାନ ଉପରେ ଆଲୋଚନା କରାଯିବ। ପରେ ସମ୍ବଲପୁରର ବସନ୍ତପୁର ଠାରେ ଥିବା ସମ୍ବଲପୁର ଆଇଆଇଏମ୍ ଗସ୍ତ କରି ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସକରାତ୍ମକ ଆଲୋଚନାରେ ଭାଗ ନେବେ। ଦେଶରେ ପ୍ରଣୟନ ହେଉଥିବା ଯୋଜନା ତଥା ସଂଯୋଜନା ଉପରେ ଆଲୋଚନା କରିବେ। ପରେ ବୁର୍ଲା ଭିସୁଟ୍ ଗସ୍ତ କରି ସେଠାରେ ମଧ୍ୟ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ ଅମିତାଭ କାନ୍ତ।

# ଭୁବନେଶ୍ୱରରୁ ବାହାରିବେ ଖାତା ଖତିଆନ ନଥିବା ବାଂଲାଦେଶୀ

## ଦେଶର ସୁରକ୍ଷା ଆମ ପ୍ରାଥମିକ : ମେୟର

**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ବିଏମସି ମେୟର ସୁଲୋଚନା ଦାସଙ୍କ ବଡ଼ ବୟାନ। ଭୁବନେଶ୍ୱରରୁ ହଟିବେ ବାଂଲାଦେଶୀ ଅନୁପ୍ରବେଶକାରୀ। ସରକାର ନେଇଥିବା ନିଷ୍ପତ୍ତିରେ ସହଯୋଗ କରିବ ବିଏମସି। ସୁଲୋଚନା ଦାସ କହିଛନ୍ତି ଯେ, ଭୁବନେଶ୍ୱର ଶ୍ରୀୟା ଛକ ଓ ଆଜାଦ ନଗରରେ ବାଂଲାଦେଶୀ ରହୁଛନ୍ତି। ଯେଉଁମାନଙ୍କ ଭୋଟର ପରିଚୟ ପତ୍ର, ଆଧାର, ରାସନ୍ କାର୍ଡ ଅଛି ତାଙ୍କର ସମସ୍ୟା ନାହିଁ। ଖାତା ଖତିଆନ୍ ନଥିବା ବାଂଲାଦେଶୀଙ୍କୁ ସହରରୁ ବାହାର କରାଯିବ। ଯେଉଁମାନେ ବେଆଇନ ଭାବେ ଅନୁପ୍ରବେଶ କରିଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ରାଜ୍ୟରୁ ବାହାର କରାଯିବ। ଦେଶର ସୁରକ୍ଷା ଆମ ପ୍ରାଥମିକତା। ଦେଶର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସୁଲୋଚନା କହିଛନ୍ତି। ସେପଟେ ବାଂଲାଦେଶୀ ଚିହ୍ନଟ ନେଇ ଗୃହ ବିଭାଗ




ପକ୍ଷରୁ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଏହି ବୈଠକରେ ପୋଲିସ ଡିଜି, କ୍ରାଇମବ୍ରାଞ୍ଚ ଡିଜି, ଆଇଜି ଓ ଡିଆଇଜି ଯୋଗ ଦେଇଥିଲେ। ଓଡ଼ିଶାରେ କେତେ ବାଂଲାଦେଶୀ ରହିଛନ୍ତି ତା'ର ତାଲିକା ପ୍ରସ୍ତୁତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ବାଲାଂଦେଶୀ ଅନୁପ୍ରବେଶ ରୋକିବାକୁ ପୋଲିସ ପ୍ରଶାସନ ପଦକ୍ଷେପ ନେଇଛି। ସମୁଦ୍ର କୂଳିଆ ଅଞ୍ଚଳରେ ପୋଲିସର କଡ଼ା ସୁରକ୍ଷା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରୁଛି। ବାଲାଂଦେଶୀଙ୍କୁ ଚିହ୍ନଟ କରି ତୁରନ୍ତ ଦେଶରୁ ବିତାଡ଼ିତ କରିବାକୁ ସରକାର ନିର୍ଦ୍ଦେଶ ଦେବା ପରେ ଏବେ ପୋଲିସ ପ୍ରଶାସନ ତତ୍ପର ହୋଇ ପଡିଛି। ଗୋପାଳପୁର, ପାତିସୋନ ପୁର, ଆର୍ଯ୍ୟପଲ୍ଲୀ ପ୍ରମୁଖ ସମୁଦ୍ର କୂଳିଆ ସ୍ଥାନ ଗୁଡ଼ିକରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ବ୍ରହ୍ମପୁର ଏସ୍‌ପି କହିଛନ୍ତି। ଏପଟେ ଦେଶର ସୁରକ୍ଷା ଦୃଷ୍ଟିରୁ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସମେତ ବିଭିନ୍ନ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଆସ୍ଥାନ ଜମାଇଥିବା ବାଲାଂ-ଦେଶୀଙ୍କୁ ଚିହ୍ନଟ କରି ତୁରନ୍ତ ବିତାଡ଼ିତ କରିବାକୁ ନିବେଦନ କରିଛନ୍ତି ସଚେତନ ନାଗରିକ। ପୋଲିସ ପ୍ରଶାସନର ନିର୍ଦ୍ଦେଶ କ୍ରମେ ସମୁଦ୍ର ତଟରେ ପାଟ୍ରୋଲିଂ କରିବା ସହ କୂଳରେ ଲାଗୁଥିବା ଡଙ୍ଗାକୁ ଯାଞ୍ଚ କରୁଛୁ। ଅଜଣା ବ୍ୟକ୍ତି ଧରାପଡ଼ିଲେ ସଙ୍ଗେସଙ୍ଗେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଉଛୁ ବୋଲି କହିଛନ୍ତି ତଟ ସୁରକ୍ଷା କର୍ମଚାରୀ ।

# ୫ ମହିଳା ମାଓବାଦୀ ଗିରଫ : ମୁଣ୍ଡରେ ଥିଲା ୩୬ ଲକ୍ଷ ଟଙ୍କାର ପୁରସ୍କାର



**ମାଲକାନଗିରି, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ସୀମାରୁ ଗଡଚରେଲି ଅଞ୍ଚଳରେ ୫ ମାଓବାଦୀଙ୍କୁ ଗିରଫ କରାଯାଇଛି। ଏମାନଙ୍କ ନାମରେ ସରକାର ୩୬ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଏମାନଙ୍କ ମଧ୍ୟରୁ ଜଣେ ଡିଭିସିଏମ ସଦସ୍ୟ, ଜଣେ ଏସିଏମ ଏବଂ ଅନ୍ୟ ୩ ଜଣ ପ୍ଲାଟୁନ ସଦସ୍ୟ ରହିଛନ୍ତି। ଗୋଟିଏ ଏସଏଲଆର, ଗୋଟିଏ ୩୦୩, ୩ଟି ସିଙ୍ଗଲ ସଟ୍ ରାଇଫଲ ଜବତ କରାଯାଇଛି।

ଗିରଫ ମାଓବାଦୀମାନେ ଚାରି ରାଜ୍ୟରେ ହିଂସା ଘଟାଉଥିବା ପୁଲିସ ନିକଟରେ ସୂଚନା ରହିଛି। ଏମାନଙ୍କୁ ଗିରଫ କରିବା ପରେ ପୁଲିସ ପଚରାଉଚରା କରୁଛି। ଲଗାତାର ପୁଲିସର ଅପରେସନ ଚାଲୁଥିବା ବେଳେ ଛତିଶଗଡ଼ ଓ ମହାରାଷ୍ଟ୍ର ସୀମାରେ ଏମାନେ ହିଂସା ପାଇଁ ଯୋଜନା କରୁଥିଲେ।

ଗିରଫ ମାଓବାଦୀମାନେ ଚାରି ରାଜ୍ୟରେ ହିଂସା ଘଟାଉଥିବା ପୁଲିସ ନିକଟରେ ସୂଚନା ରହିଛି। ଏମାନଙ୍କୁ ଗିରଫ କରିବା ପରେ ପୁଲିସ ପଚରାଉଚରା କରୁଛି। ଲଗାତାର ପୁଲିସର ଅପରେସନ ଚାଲୁଥିବା ବେଳେ ଛତିଶଗଡ଼ ଓ ମହାରାଷ୍ଟ୍ର ସୀମାରେ ଏମାନେ ଜଙ୍ଗଲରେ ପୁଲିସକୁ ଟାର୍ଗେଟ କରିବା ପାଇଁ ଯୋଜନା କରୁଥିବା ବେଳେ ଜଙ୍ଗଲରେ ଘେରି ସୁରକ୍ଷାକର୍ମୀ ଏମାନଙ୍କୁ ଗିରଫ କରିଥିଲେ। ଏମାନଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିବ ବୋଲି ପୁଲିସ ଆଶା ପ୍ରକାଟ କରିଛି।

# ଇଣ୍ଡିଆନ୍ ସ୍କିମର ଅଣ୍ଡାରୁ ଛୁଆ ଫୁଟିବା ପ୍ରକ୍ରିୟା ଆରମ୍ଭ

**ଚୌଦ୍ୱାର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ମହାନଦୀର ଧବଳେଶ୍ୱର ଓ କଖଡ଼ି ପଠାରେ ଇଣ୍ଡିଆନ୍ ସ୍କିମରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହାକୁ ନେଇ ପରିବେଶବିତ୍ ଖୁସି ପ୍ରକଟ କରିଛନ୍ତି। ସୂଚନା ଅନୁଯାୟୀ, କଟକ ଜିଲ୍ଲା ମହାନଦୀର ଧବଳେଶ୍ୱର ଓ କଖଡ଼ି ପଠାରେ ଇଣ୍ଡିଆନ୍ ସ୍କିମରଙ୍କ ଅଣ୍ଡାରୁ ଛୁଆ ଫୁଟିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତ ବର୍ଷ ଏମାନଙ୍କ ସଂଖ୍ୟା ବୃଦ୍ଧି



ପାଇଛି ବୋଲି ଖୁଣ୍ଟୁଣୀ ରେଞ୍ଜ ପକ୍ଷରୁ କୁହାଯାଇଛି। ଏନେଇ ବନ ବିଭାଗ ପାଟ୍ରୋଲିଂକୁ ବଢ଼ାଇବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି ।

ଆଠଗଡ଼ ବନଖଣ୍ଡ ଖୁଣ୍ଟୁଣୀ ରେଞ୍ଜର ମହାନଦୀ ପଠାକୁ ଚଳିତ ବର୍ଷ ୨୪୫ ଇଣ୍ଡିଆନ ସ୍କିମର ଆସି ୧୪୨ଟି ଅଣ୍ଡା ଦେଇଥିଲେ। ଏହି ଅଣ୍ଡାରୁ ୧୧୦ଟି ଛୁଆ ଫୁଟିଛନ୍ତି। ବାକି ଅଣ୍ଡା ଧୀରେ ଧୀରେ ଫୁଟିବେ। ଏନେଇ ଖୁଣ୍ଟୁଣୀ ରେଞ୍ଜର ନୀଳମାଧବ ସାହୁ ସୂଚନା ଦେଇଥିବା ବେଳେ ଦୁଇଟି ପଠାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଛି ବୋଲି କହିଛନ୍ତି।

# ମହିଳା ଓ ଶିଶୁ ଅତ୍ୟାଚାରକୁ ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟିର ଉଦ୍‌ବେଗ : ଜିଲ୍ଲା ପ୍ରଶାସନକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟି ଉଦ୍‌ବେଗ ପ୍ରକାଶ କରିଛି। କ୍ଷେତ୍ର ପରିଦର୍ଶନ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ମହିଳା ଓ ଶିଶୁ ବିଭାଗ ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟା ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ, କୋରାପୁଟ ଓ ନବରଙ୍ଗପୁର




ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ବିଭାଗ ଯେପରି କାମ କରିବା କଥା ସେପରି ହେଉନାହିଁ । ପୂର୍ବ ସରକାର ଯେଉଁ ଯୋଜନା କରିଥିଲେ, ତାହା ବର୍ଷେ ହେବ ଶୀଥିଳ ପଡିଯାଇଛି। ମହିଳାମାନଙ୍କ ପାଇଁ ହେଉଥିବା ଯୋଜନା ଗ୍ରାଉଣ୍ଡରେ ଠିକ୍‌ରେ କାର୍ଯ୍ୟକାରୀ ହେଉନାହିଁ। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ସମସ୍ୟାର ସମାଧାନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ବିଶେଷ କରି ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟର କିପରି ଯତ୍ନ ନିଆଯିବ, ତାହା ଉପରେ କମିଟି ଜିଲ୍ଲା ପ୍ରଶାସନକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛି ବୋଲି ପ୍ରମିଳା ମଲ୍ଲିକ କହିଛନ୍ତି।

# କନ୍ଦରପୁରରେ ହେବ ଶସ୍ୟ ସଂରକ୍ଷଣ ଗୋଦାମ: ଚୂଡ଼ାନ୍ତ ହେଲା ଡିପିଆର

**କଟକ,୨୦/୦୫**
**ନ୍ୟୁଜ ବ୍ୟୁରୋ**

ଅମଳ ପରେ ଶସ୍ୟ ସୁରକ୍ଷା ନେଇ ସବୁବେଳେ ଚାଷୀଙ୍କ ଚିନ୍ତା ଥାଏ । ଅନେକ କ୍ଷେତ୍ରରେ ନିଜସ୍ୱ ସଂରକ୍ଷଣ ସୁବିଧା କିମ୍ବା ଘରୋଇ ସଂରକ୍ଷଣ ବ୍ୟବସ୍ଥା ଉପରେ ନିର୍ଭର କରିଥାନ୍ତି ଚାଷୀ । ଏହାସହିତ କିଛି ସ୍ଥାନୀୟ ବ୍ୟବସାୟୀ କିମ୍ବା ମଧ୍ୟସ୍ଥି ଅସ୍ଥାୟୀ ଗୋଦାମ ସୁବିଧା ଯୋଗାଇଦିଅନ୍ତି, ଯେଉଁଥିରେ ଚାଷୀମାନେ ସାମୟିକ ଭାବେ ଫସଲ ସୁରକ୍ଷିତ ରଖିପାରନ୍ତି। କିନ୍ତୁ ଏଣିକି ଚାଷୀ ଗୋଷ୍ଠୀଙ୍କୁ ସୁବିଧା ଦେବାକୁ ସରକାରୀ ବ୍ୟବସ୍ଥା ଉପଲବ୍ଧ କରାଯିବ । କଟକ ଜିଲ୍ଲାର ବିଭିନ୍ନ



ବ୍ଲକ୍‌ରେ ଶସ୍ୟ ସଂରକ୍ଷଣ ଗୋଦାମ ନିର୍ମାଣ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରାଥମିକ ପର୍ଯ୍ୟାୟରେ କନ୍ଦରପୁରଠାରେ ସରକାରୀ ଯୋଜନାରେ ୫ଶହ ମେଟ୍ରିକ୍ ଟନ୍ ବିଶିଷ୍ଟ ଶସ୍ୟ ସଂରକ୍ଷଣ ଗୋଦାମ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚରେ ନିର୍ମାଣ ହେବାକୁ ଥିବା ଏହି ଗୋଦାମ ଯୋଗୁଁ ୩ ହଜାର ଚାଷୀ ଉପକୃତ ହୋଇପାରିବେ ।

୨୦୨୩ ମେ ୩୧ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ 'ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ଯୋଜନା' ଅଧୀନରେ ଓଡ଼ିଶାରେ ପାକ୍ସ (ପ୍ରାଥମିକ କୃଷି ସମବାୟ ସମିତି) ମାଧ୍ୟମରେ ଆଧୁନିକ ଗୋଦାମ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ଯୋଜନାରେ ଓଡ଼ିଶା ଏକ ପାଇଲଟ୍ ରାଜ୍ୟ ଭାବେ ଅନ୍ତର୍ଭୁକ୍ତ, ଯେଉଁଥିରେ ୨୦୦୦ ପାକ୍ସ ଚିହ୍ନଟ କରାଯାଇଛି । କଟକ ଜିଲ୍ଲାର କନ୍ଦରପୁରଠାରେ ପ୍ରଥମ ପର୍ଯ୍ୟାୟରେ ଏହି ଗୋଦାମ ଗୃହ ନିର୍ମାଣ କରାଯିବ। କନ୍ଦରପୁର ଫାର୍ମସ୍ ସର୍ଭିସ୍ କୋଅପରେଟିଭ୍ ସୋସାଇଟି ଅଧିନରେ ଏବେ ୩ ହଜାର ୮୩ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ୧ ହଜାର ୪୮୨ ଏକର ଜମିରେ ଏମାନେ ଚାଷ କାର୍ଯ୍ୟ କରିଥାନ୍ତି। ତେବେ କନ୍ଦରପୁର ଠାରେ ଏହି ଗୋଦାମ ପ୍ରତିଷ୍ଠା ହେଲେ ଚାଷୀମାନେ ଏଠାରେ ନିଜ ଉତ୍ପାଦିତ ଶସ୍ୟ ଆଦି ସଂରକ୍ଷିତ କରି ରଖିବାକୁ ସୁଯୋଗ ହାସଲ କରିପାରିବେ। ୦.୧୨ ଏକର ପରିମିତ ଜମିରେ ଏହି ଗୋଦାମ ନିର୍ମାଣ କରାଯିବ । ଏହାର ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ଏବେ ପ୍ରସ୍ତୁତ କରାଯାଇଛି। ଏଥିରେ ପ୍ରାୟ ୧ କୋଟି ୩ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ମିଳିଛି ।

# ଅପହରଣ ହୋଇଥିବା ଯୁବକ ଉଦ୍ଧାର ଅପହରଣକାରୀ ଗିରଫ

**କଟକ ୨୦/୦୫: ନ୍ୟୁଜ ବ୍ୟୁରୋ**

କଟକ ପୁଲିସକୁ ସଫଳତା। ଅପହରଣ ହୋଇଥିବା ଯୁବକ ଉଦ୍ଧାର ହେବା ସହ, ଅପହରଣକାରୀ ଗିରଫ ହୋଇଛନ୍ତି। ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଟକ ଡିସିପି। କଟକ ବୈୟାଳିଶ ମୌଜା ଥାନା ଅଞ୍ଚଳରୁ ଜଣେ ଯୁବକଙ୍କୁ ଅପହରଣ କରିନେବା ଘଟଣାରେ କଟକ ପୁଲିସକୁ ସଫଳତା ମିଳିଛି। ଅପହରଣ ହୋଇଥିବା ଯୁବକକୁ ଉଦ୍ଧାର କରିବା ସହିତ ଅପହରଣ-କାରୀଙ୍କୁ ଗିରଫ କରାଯାଇଛି। ଏନେଇ କଟକ ଡିସିପି ଖିଲାରୀ ଋଷିକେଶ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ବୈୟାଳିଶ ମୌଜା ଥାନା ଅଞ୍ଚଳର ଯୁକ୍ତ ଦୁଇ ପାଠ ପଢୁଥିବା ଜଣେ ଯୁବକ ଅନଲାଇନ ଟ୍ରେଡିଂ କରୁଥିଲେ। କିଛି ଦିନ ହେବ ଜିଲ୍ଲା



ବାହାରୁ କିଛି ଲୋକଙ୍କର ମଧ୍ୟ ଟଙ୍କା ନେଇ ନିବେଶ କରାଇଥିଲେ। ପ୍ରାୟ ୩ରୁ ୪ କୋଟି ଟଙ୍କା ନିବେଶ କରାଇ ଥିଲେ। ହେଲେ ନିବେଶ ପରେ ଲୋକମାନେ ସେମାନଙ୍କର ଟଙ୍କା ଉଠାଇ ପାରିନଥିଲେ। ତେଣୁ ଟଙ୍କା କିପରି ଉଠିବ ସେନେଇ ଯୁବକଙ୍କ ସହ ଯୋଗାଯୋଗ କରିଥିଲେ। ମାତ୍ର ସେ ଟଙ୍କା ଉଠାଇନପାରିବାରୁ ନିବେଶକାରୀ ରାଗି ଯାଇଥିଲେ। ସୋମବାର ରାତିରେ ୧୦ରୁ ୧୨ ଯୁବକ ଏକାଠି ହୋଇ ବୟାଳିଶ ମୌଜା ଥାନା ଅଞ୍ଚଳକୁ ଆସି ଯୁବକଙ୍କୁ ଅପହରଣ କରି ନେଇଥିଲେ। ଏନେଇ ଯୁବକଙ୍କ ମା' ରୀନା ବେହେରା ଥାନାରେ ଏତଲା ଦେବା ପରେ ସ୍ଥାନୀୟ ଥାନା ଓ ସ୍ପେଶାଲ୍ ସ୍କ୍ୱାଡ୍ ତଦନ୍ତ ଆରମ୍ଭ କରିଥିଲା। ଏକ ଟିମ୍ କେନ୍ଦ୍ରପଡ଼ା ଯାଇ ଯୁବକଙ୍କୁ ଉଦ୍ଧାର କରିବା ସହିତ ଅପହରଣକାରୀଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।